୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

E-mail : sambadkalikanews@gmail.com

ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୧୬ ● ୨ ସେପ୍ଟେମ୍ବର ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-216 ● 2nd September 2024, Monday ● Bhubaneswar

Licensed to post without pre-payment of postage No- BN-60/22-24

ପାରାଲିମ୍ପିକ୍ସ ୨୦୨୪: ସେମି ଫାଇନାଲରେ ପ୍ରବେଶ କଲେ ସୁହାସ, ସୁକାନ୍ତ

ବିଶ୍ୱର ସବୁଠାରୁ ବଡ଼ ସୁଯୋଗର ଦେଶ ହେଉଛି ଭାରତ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତକୁ ବିଶ୍ୱର ସବୁଠାରୁ ବଡ଼ ସୁଯୋଗର ଭୂମି ଭାବରେ ଉପସ୍ଥାପନ କରିଛନ୍ତି ଏବଂ ବ୍ୟବସାୟ କ୍ଷେତ୍ରର ସୁବିଧା, ସଂସ୍କାର, ଏକ ସ୍ଥିର ନୀତି ଓ ଉଚ୍ଚ ଅଭିବୃଦ୍ଧି ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଇଟି ୱାର୍ଲ୍ଡ ଲିଡର୍ସ ଫୋରମକୁ ସମ୍ବୋଧିତ କରି ଶ୍ରୀ ମୋଦି ନିବେଶକମାନଙ୍କୁ ଉଦ୍ଭାବନ, କାର୍ଯ୍ୟଦକ୍ଷତା ଏବଂ ଉଚ୍ଚ ଗୁଣବତ୍ତା ଉତ୍ପାଦ ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ କହିଥିଲେ। ସେ କହିଛନ୍ତି ଯେ, ତାଙ୍କ ସରକାର ଅଧିକ ଦୃଢ଼ ଉଦ୍ଦେଶ୍ୟ ନେଇ ତୃତୀୟ କାର୍ଯ୍ୟକାଳ ଆରମ୍ଭ କରିଛି ଏବଂ ଆଶା ଓ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ରହିଛି।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଚଳିତ ବର୍ଷ ନିର୍ବାଚନ ହୋଇଥିବା ଅଧିକାଂଶ

ଦେଶର ଲୋକମାନେ ପରିବର୍ତ୍ତନ ସପକ୍ଷରେ ମତ ଦେଇଥିବା ବେଳେ ଭାରତୀୟମାନେ ନିରନ୍ତରତା, ରାଜନୈତିକ ସ୍ଥିରତା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ପସନ୍ଦ କରିଛନ୍ତି। ଏକ ନୂତନ ନବ-ମଧ୍ୟବିତ୍ତ ଶ୍ରେଣୀ ଦେଶର ପ୍ରଗତିକୁ ଆଗକୁ ବଢ଼ାଉଛି ଏବଂ ଏହାର ବଜାର ପାଇଁ ଦିଗ ନିର୍ଦ୍ଧାରଣ କରୁଛି ବୋଲି ଶ୍ରୀ ମୋଦି କହିଛନ୍ତି । ସେ କହିଥିଲେ, ଭାରତ ଏକ ଅନନ୍ୟ ସଫଳତାର କାହାଣୀ ଲେଖୁଛି ଏବଂ ଏହାର ସଂସ୍କାରର ପ୍ରଭାବ ଅର୍ଥନୀତିର ପ୍ରଦର୍ଶନରେ ଦୃଶ୍ୟମାନ ହେଉଛି ।

ସବୁଜ ହାଇଡ୍ରୋଜେନ, ସେମିକଣ୍ଡକ୍ଟର, ଗଭୀର ମହାସାଗର ଏବଂ ମହାକାଶ କ୍ଷେତ୍ରରେ ତାଙ୍କ ସରକାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ତାଙ୍କ ସରକାର ଭାରତକୁ ଅପେକ୍ଷା କରିଥିବା ଆହ୍ୱାନ ଏବଂ ସୁଯୋଗ ପାଇଁ ଦେଶକୁ ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି। ଦେଶକୁ ବିଶ୍ୱ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ରରେ ପରିଣତ କରିବା ପାଇଁ ତାଙ୍କ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ସରକାର ୧ ଲକ୍ଷ ମେଡିକାଲ ସିଟ୍ ସୃଷ୍ଟି କରିଛନ୍ତି ଏବଂ ଆଗାମୀ ୫ ବର୍ଷରେ ଆହୁରି ୭୫ ହଜାରରୁ ଅଧିକ ସିଟ୍ ସୃଷ୍ଟି କରିବେ ବୋଲି ସେ କହିଛନ୍ତି।

କର୍ମକ୍ଷେତ୍ରରେ ମହିଳାଙ୍କ ଅଧିକ ସୁରକ୍ଷା ପାଇଁ ଲଞ୍ଚ୍ ହେଲା ସି-ବକ୍ସ ପୋର୍ଟାଲ

ନୂଆଦିଲ୍ଲୀ, ୧।୯

ଦେଶରେ ମହିଳାଙ୍କ ପ୍ରତି ହେଉଥିବା ହିଂସା ମଧ୍ୟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏକ ନୂତନ ସେକ୍ସୁଆଲ ହାରାସମେଣ୍ଟ ଇଲେକ୍ଟ୍ରୋନିକ ବକ୍ସ (ସି-ବକ୍ସ) ପୋର୍ଟାଲ ଆରମ୍ଭ କରିଛି। ଏହି ପୋର୍ଟାଲ ମହିଳାମାନଙ୍କ ପାଇଁ ଏକ ନିରାପଦ ଏବଂ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବାରେ ସାହାଯ୍ୟ କରିବ।

ସି-ବକ୍ସ ପୋର୍ଟାଲ ହେଉଛି ଏକ ପ୍ଲାଟଫର୍ମ ଯେଉଁଠାରେ ସମସ୍ତ ମହିଳା ସେମାନଙ୍କର ଯୌନ ଉତ୍ପୀଡ଼ନ ଅଭିଯୋଗ ପଞ୍ଜିକରଣ କରିପାରିବେ ଏବଂ ସେମାନଙ୍କ ସ୍ଥିତି ଉପରେ ନଜର ରଖିପାରିବେ।

ଡବ୍ଲୁସିଡି ମନ୍ତ୍ରଣାଳୟ କହିଛି ଯେ ଏହି ପୋର୍ଟାଲ ହେଉଛି ସମସ୍ତ ସରକାରୀ ଏବଂ

ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଆଭ୍ୟନ୍ତରୀଣ କମିଟି ଏବଂ ସ୍ଥାନୀୟ କମିଟିର ସୂଚନାର ଏକ କେନ୍ଦ୍ରୀୟ ଭଣ୍ଡାର।

କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନର ସମ୍ମୁଖୀନ ହେଉଥିବା ସମସ୍ତ ମହିଳା, ସଂଗଠିତ କିମ୍ବା ଅସଂଗଠିତ, ବେସରକାରୀ କ୍ଷେତ୍ର କିମ୍ବା ସାର୍ବଜନୀନ କ୍ଷେତ୍ର, ଏହି ଅଭିଯୋଗକୁ ପଞ୍ଜୀକୃତ କରିପାରିବେ ଏବଂ ଏହି ପୋର୍ଟାଲ ବ୍ୟବହାର କରି ଏହାର ସ୍ଥିତିକୁ ଟ୍ରାକ କରିପାରିବେ। *(ପୃଷ୍ଠା ୭ରେ)*

ବାୟୁସେନାର ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କଲେ ଏୟାର ମାର୍ଶାଲ ତେଜିନ୍ଦର ସିଂହ

ନୂଆଦିଲ୍ଲୀ, ୧।୯

ଭାରତୀୟ ବାୟୁସେନାର ଡେପୁଟି ଚିଫ ଅଫ ଏୟାର ଷ୍ଟାଫ ଭାବେ ଏୟାର ମାର୍ଶାଲ ତେଜିନ୍ଦର ସିଂହ ରବିବାର ନୂଆଦିଲ୍ଲୀରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂଆ ନିଯୁକ୍ତି ପାଇବା ପରେ ସେ ଜାତୀୟ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରି ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏୟାର ମାର୍ଶାଲ ତେଜିନ୍ଦର ଜାତୀୟ ପ୍ରତିରକ୍ଷା ଏକାଡେମୀର ପୂର୍ବତନ ଛାତ୍ର ଏବଂ ୧୯୮୭ ଜୁନ ୧୩ରେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିଲେ। ସେ ୪୫୦୦ ଘଣ୍ଟାରୁ ଅଧିକ ସମୟ ଉଡ଼ାଣ ସହ ଏ ଶ୍ରେଣୀର ଫ୍ଲାଇଂ ଇନଷ୍ଟ୍ରକ୍ଟର ଅଟନ୍ତି।

ସେ ଏକ ଫାଇଟର ସ୍କ୍ୱାଡ୍ରନ, ରାଡାର ଷ୍ଟେସନ, ଏକ ପ୍ରମୁଖ ଲଢୁଆ ଘାଟିର ନେତୃତ୍ୱ ନେଇଛନ୍ତି ଏବଂ ଜମ୍ମୁ-କଶ୍ମୀରରେ ଏୟାର ଅଫିସର କମାଣ୍ଡିଂ ଥିଲେ। ତାଙ୍କୁ ୨୦୦୭ରେ ବାୟୁ ସେନା ପଦକ ଏବଂ ୨୦୨୨ରେ ଅତି ବିଶେଷ ସେବା ପଦକ ପ୍ରଦାନ କରାଯାଇଥିଲା।

ଲୋକେ ଜାଣନ୍ତୁ ଆମେ ବି ବିଦ୍ୟମାନ ଅଛୁ

ନୂଆଦିଲ୍ଲୀ, ୧।୯

ଜିଲ୍ଲା ଜଜ୍ ନ୍ୟାୟପାଳିକାର ମେରୁଦଣ୍ଡ ବୋଲି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ କହିଛନ୍ତି ଆମେ ସେମାନଙ୍କୁ ଅବମାନନା କରିବା ବନ୍ଦ କରିବା ଉଚିତ୍। ସିଜେଆଇ କହିଛି ଯେ ଜିଲ୍ଲା କୋର୍ଟ ହେଉଛି ସେହି ସ୍ଥାନ ଯେଉଁଠାରେ ସାଧାରଣ ଲୋକ ପ୍ରଥମେ ନ୍ୟାୟ ଖୋଜନ୍ତି । ଏଭଳି କ୍ଷେତ୍ରରେ ଆମେ ତାଙ୍କୁ ନ୍ୟାୟ ଦେଇ ସମାଜକୁ ଏକ ସକରାତ୍ମକ ବାର୍ତ୍ତା ଦେଇପାରିବା। ଲୋକମାନେ ଜାଣିବା ଉଚିତ ଯେ ଆମେ ମଧ୍ୟ ବିଦ୍ୟମାନ। ଦିଲ୍ଲୀର ଜିଲ୍ଲା ନ୍ୟାୟପାଳିକା ଉପରେ ଆୟୋଜିତ ଏକ ସମ୍ମିଳନୀରେ ପ୍ରଧାନ ବିଚାରପତି ଜଷ୍ଟିସ୍ ଚନ୍ଦ୍ରଚୂଡ ଏହା କହିଛନ୍ତି। ସେ କହିଛନ୍ତି ଯେ ସାଧାରଣ ଲୋକ ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟରେ ପହଞ୍ଚିବାରେ ସକ୍ଷମ ନୁହଁନ୍ତି। ତେଣୁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ସେ ପ୍ରଥମ ସ୍ତରରେ ଅର୍ଥାତ ନିମ୍ନ ଅଦାଲତରେ ନ୍ୟାୟ ପାଇବେ।

ସର୍ବଶେଷରେ, ସିଜେଆଇ ତାଙ୍କୁ ତାଙ୍କ ଅସ୍ତିତ୍ୱ ବିଷୟରେ ମନେ ପକାଇବାକୁ ନିମ୍ନ ଅଦାଲତମାନଙ୍କୁ କାହିଁକି କହିବାକୁ ପଡିଲା ? ନିମ୍ନ ଅଦାଲତରେ ମାମଲାଗୁଡ଼ିକର ପେଣ୍ଡେନ୍ସି ଏବଂ ଜାମିନ ପ୍ରତ୍ୟାଖ୍ୟାନ ମଧ୍ୟ ସିଜେଆଇଙ୍କ ମତକୁ ନିଶ୍ଚିତ କରେ। ଯଦି ଆମେ ନ୍ୟାସନାଲ ଜୁଡିସିଆଲ ଡାଟା ଗ୍ରାଡର ତଥ୍ୟକୁ ଦେବା, ତେବେ ଆମେ ଜାଣୁ ଯେ ସେପ୍ଟେମ୍ବର ୧, ୨୦୨୪ପର୍ଯ୍ୟନ୍ତ ଦେଶର ଜିଲ୍ଲା କୋର୍ଟରେ ୪କୋଟିରୁ ଅଧିକ ମାମଲା ବିଚାରାଧୀନ ଅଛି ଯେଉଁଥିରେ ୬୪% ମାମଲା ଏକ ବର୍ଷରୁ ଅଧିକ ପୁରୁଣା।

ପୁଣି ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ, ୪ ତାରିଖରୁ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧।୯
ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତର ରୂପ ନେବା ପରେ ରାଜ୍ୟର କିଛି ଅଞ୍ଚଳରେ ବର୍ଷା ଲାଗି ରହିଛି । ଲଘୁଚାପଟି କ୍ରମଶଃ ପଶ୍ଚିମ-ଉତ୍ତରପଶ୍ଚିମକୁ ମୁହାଁଇ ମଧ୍ୟରାତିରେ ଉପକୂଳ ଅତିକ୍ରମ କରିଛି । ଉତ୍ତର ଆନ୍ଧ୍ର ଓ ସଂଲଗ୍ନ ଦକ୍ଷିଣ ଓଡ଼ିଶା ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିଛି। ଗତ ୬ ଘଣ୍ଟା ହେବ ଘଣ୍ଟାପ୍ରତି ୧୫ କିଲୋମିଟର ବେଗରେ ଗତି କରୁଛି ଅବପାତ। ବିଶାଖାପାଟଣା ଠାରୁ ୯୦ କିମି ଏବଂ ମାଲକାନଗିରି ଠାରୁ ୧୨୦ କିମି ଦୂରରେ ରହିଛି ଅବପାତ। ଆସନ୍ତା ୨୪ ଘଣ୍ଟାରେ ପଶ୍ଚିମ ଉତ୍ତର ପଶ୍ଚିମ ଦିଗରେ ଗତିକରି ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବ। ପରେ ଦୁର୍ବଳ ହୋଇ ଓ୍ୱେଲମାର୍କ ଲୋପ୍ରେସରରେ ପରିଣତ ହେବ।

ଯାହାର ପ୍ରଭାବରେ ରବିବାର ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ରବିବାର ଗଞ୍ଜାମ, ଗଜପତି, ରାୟଗଡା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ଏହି ସବୁ ଜିଲ୍ଲାରେ ୭୦ ରୁ ୨୦୦ ମିମି ପର୍ଯ୍ୟନ୍ତ ବର୍ଷା ହୋଇଥିବା ଜଣାପଡିଛି। ଉପରୋକ୍ତ ଜିଲ୍ଲା ବ୍ୟତୀତ କେନ୍ଦ୍ରୀୟ ଏବଂ ଉପକୂଳ ଓଡ଼ିଶାର କେତେକ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି। ବିଶେଷ କରି ପୁରୀ, ଖୋର୍ଦ୍ଧା, କଟକ, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡା, *(ପୃଷ୍ଠା ୭ରେ)*

ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା

ଭୁବନେଶ୍ୱର, ୧।୯
ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଶନିବାର ଅବପାତର ରୂପ ନେଇଛି। ଏହାର ପ୍ରଭାବରେ ରବିବାର ରାଜ୍ୟର ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି ଓ କୋରାପୁଟ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ସେହିପରି ଦକ୍ଷିଣ ଏବଂ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର *(ପୃଷ୍ଠା ୭ରେ)*

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

ହିମନ୍ତ ଶର୍ମାଙ୍କ ଉପରେ ତାତିଲେଣି ଭାଜପା ହାଇକମାଣ୍ଡ : ତେଜିଲାଣି ବିବାଦ

ନୂଆଦିଲ୍ଲୀ, ୧।୯

ଆସାମ ବିଧାନସଭାରେ ନମାଜ ପଢିବାକୁ ବନ୍ଦ କରିବା ନେଇ ରାଜନୀତି ସରଗରମ ରହିଛି । ଆସାମ ବିଧାନସଭାରେ ଶୁକ୍ରବାର ଦୁଇ ଘଣ୍ଟିଆ ନମାଜ ପଢିବା ବାତିଲ କରିବାକୁ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଘୋଷଣା କରିଛନ୍ତି । ସେ କହିଛନ୍ତି, ଏହା ଉତ୍ପାଦନ ବୃଦ୍ଧି କରିବ ଏବଂ ଉପନିବେଶ ଯୁଗର ପ୍ରଥାକୁ ଦୂର କରିବ। ଆସାମ ସିଏମଙ୍କ ଏହି ନିଷ୍ପତ୍ତି ଉପରେ କଂଗ୍ରେସର ବରିଷ୍ଠ ନେତା ତଥା ରାଜ୍ୟ ସଭା ସଦସ୍ୟ ଡକ୍ଟର ସୟଦ ନାସିର ହୁସେନ ଟାର୍ଗେଟ କରିଛନ୍ତି।

ହୁସେନ କହିଛନ୍ତି, ମୁଁ ଭାବୁଛି, ଆସାମ ସରକାର ଏବଂ ମୁଖ୍ୟମନ୍ତ୍ରୀ ହିମନ୍ତ ଶର୍ମା ଏହି ଜିନିଷ ପ୍ରତି ଅଧିକ ଆଗ୍ରହୀ ଅଟନ୍ତି । ଲୋକଙ୍କ ପାଇଁ ଜନ କଲ୍ୟାଣକାରୀ ଯୋଜନା, ସୁବିଧା ପାଇଁ ଯୋଜନା କରିବାରେ ସେ ବିଶ୍ୱାସ

ରଖୁ ନାହାନ୍ତି । ତାଙ୍କୁ ଲାଗୁଛି ଭାଜପାର ହାଇକମାଣ୍ଡ ତାଙ୍କ ଉପରେ ଖୁସି ନାହାନ୍ତି । ତେଣୁ ତାଙ୍କ ପାଖରେ ଅଧିକ ବିଶ୍ୱସ୍ତତା ଦେଖାଇବା ପାଇଁ ସେ ଏହି ସବୁ କାର୍ଯ୍ୟ କରୁଛନ୍ତି । କିନ୍ତୁ ଏଥିରେ କିଛି ଫରକ ପଡିବ ନାହିଁ। କଂଗ୍ରେସ ରାଜ୍ୟସଭା ସଦସ୍ୟ ଏପରିକି ଦାବି କରିଛନ୍ତି ଯେ, *(ପୃଷ୍ଠା ୭ରେ)*

ପ୍ରବଳ ବର୍ଷା ସହ ଭୂସ୍ଖଳନ : ୮ ମୃତ

ହାଇଦ୍ରାବାଦ, ୧।୯

ପ୍ରବଳ ବର୍ଷାରେ ବେହାଲ ଆନ୍ଧ୍ରପ୍ରଦେଶ। ତୁହାକୁ ତୁହା ବର୍ଷା ଯୋଗୁ ଲୋକେ ଜଳବନ୍ଦୀ ଘେରରେ ରହିଛନ୍ତି । ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଇଛି । ଆନ୍ଧ୍ରପ୍ରଦେଶର ବିଜୟୱାଡାରେ ଲାଗାତାର ବର୍ଷା ପରେ ଭୂସ୍ଖଳନ ହୋଇଛି। ଫଳରେ ଏଥିରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

ସୂଚନା ମୁତାବକ, ପ୍ରବଳ ବର୍ଷା ହେତୁ ମୋଗଲରାଜପୁରମ ଅଞ୍ଚଳରେ ଭୂସ୍ଖଳନ ହୋଇଛି। ଫଳରେ ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ପ୍ରବଳ ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁଜି କାର୍‌ରେ ବସିଥିବା ତିନି ଜଣ ବୁଡିଯିବାରୁ ସେମାନଙ୍କ ମୃତ୍ୟୁ ହୋଇଛି। କୁହାଯାଉଛି ଯେ ବିଜୟୱାଡାର ମୋଗଲରାଜପୁରମ ଅଞ୍ଚଳରେ ଭୂସ୍ଖଳନ ହେତୁ ମୃତକଙ୍କ ଘରେ ବଡ଼ ବଡ଼ ପଥର ଖସି ପଡିଥିଲା।

ଅଧିକାରୀଙ୍କ ଅନୁଯାୟୀ, ପ୍ରବଳ ବର୍ଷା

ହେତୁ ପାହାଡ ଉପରୁ ଏକ ବଡ଼ ମାଟି ଅତଡା ଖସି କଲୋନୀରେ ଥିବା ଘର ଉପରେ ପଡିଯାଇଥିଲା। ଏହି କାରଣରୁ ଗୋଟିଏ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ଯେଉଁଥିରେ ୫ ଜଣଙ୍କର ମୃତ୍ୟୁ ହୋଇଛି । ସେହିପରି ଅନ୍ୟ ତିନୋଟି ଘର ମଧ୍ୟ ନଷ୍ଟ ହୋଇଯାଇଛି।

ଖବର ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରିଲିଫ କାର୍ଯ୍ୟ ଆରମ୍ଭ କରିଛି । ପ୍ରାୟ ୮୦ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପ୍ରବଳ ବର୍ଷା ହେତୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ବିଳମ୍ବ ହୋଇଛି ବୋଲି ଅଧିକାରୀମାନେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଲଗାତର ପରିସ୍ଥିତି *(ପୃଷ୍ଠା ୭ରେ)*

ସୁପ୍ରିମକୋର୍ଟର ପତାକା ଓ ଚିହ୍ନ ଉନ୍ମୋଚନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ନୂଆଦିଲ୍ଲୀ, ୧।୯

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ନୂଆଦିଲ୍ଲୀରେ ସୁପ୍ରିମକୋର୍ଟର ନୂଆ ପତାକା ଓ ଚିହ୍ନ ଉନ୍ମୋଚନ କରିଛନ୍ତି। ଚଳିତ ଜାତୀୟ ଜିଲ୍ଲା ନ୍ୟାୟପାଳିକା ସମ୍ମିଳନୀରେ ସେ ଉଦ୍‌ବୋଧନ ଦେଇଛନ୍ତି। ସୁପ୍ରିମକୋର୍ଟ ଦ୍ୱାରା ଆୟୋଜିତ ଏହି ଦୁଇ ଦିନିଆ ସମ୍ମିଳନୀରେ ଭିତ୍ତିଭୂମି, ଅଦାଲତ, ନ୍ୟାୟିକ ନିରାପତ୍ତା, ମାମଲା ପରିଚାଳନା ଏବଂ ପ୍ରଶିକ୍ଷଣ ସମେତ ଜିଲ୍ଲା ନ୍ୟାୟପାଳିକା ପ୍ରସଙ୍ଗରେ ପାଞ୍ଚଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା।

ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ମହିଳାଙ୍କ ଉପରେ ଅତ୍ୟାଚାର ଏବଂ ଶିଶୁଙ୍କ ସୁରକ୍ଷା ସମାଜ ପାଇଁ ଗଭୀର ଚିନ୍ତାର ବିଷୟ ପାଲଟିଛି । ମହିଳାଙ୍କ ସୁରକ୍ଷା ପାଇଁ ଦେଶରେ ଅନେକ କଠୋର ଆଇନ ପ୍ରଣୟନ କରାଯାଇଛି, କିନ୍ତୁ ଏହାକୁ ଅଧିକ ସକ୍ରିୟ କରିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ମାଡ଼ି ଆସୁଛି ସାମୁଦ୍ରିକ ଝଡ଼ 'ଆସନା'

ନୂଆଦିଲ୍ଲୀ, ୧।୯

ଆରବ ସାଗର ପଟୁ ଗୁଜରାଟକୁ ମାଡ଼ି ଆସୁଛି ସାମୁଦ୍ରିକ ଝଡ଼ 'ଆସନା' । ଏହାର ପ୍ରଭାବରେ ସାରା ରାଜ୍ୟରେ ୫ ତାରିଖ ଯାଏ ଭୀଷଣରୁ ଅତି ଭୀଷଣ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ।

ଆଶଙ୍କା କରାଯାଉଛି ଯେ, ଏହି ସାମୁଦ୍ରିକ ଝଡ଼ ସୌରାଷ୍ଟ୍ର ଏବଂ କଚ୍ଛ ଦେଇ ଅତିକ୍ରମ କରିବ । ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ସ୍ଥଳଭାଗ ମୁହାଁ ଗତି କରିବ ସାମୁଦ୍ରିକ ଝଡ଼ 'ଆସନା'। ଏଥିପାଇଁ ଅଧିକ ପ୍ରଭାବିତ ହେବାକୁ ଥିବା ଦକ୍ଷିଣ ଗୁଜରାଟ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଆଲର୍ଟ ଜାରି କରାଯାଇଛି । ଭଦଦୋରା, ଭରୁଚ, ଆନନ୍ଦ, ନର୍ମଦା, ପଞ୍ଚମହଲ, ଦାହୋଦ, ଛୋଟା ଉଦୟପୁରରେ ଆଗାମୀ କିଛି ଦିନ ଯାଏ ବର୍ଷା ଜାରି ରହିବ।

ଗତ କିଛି ଦିନ ହେବ ପୂର୍ବରୁ ଗୁଜରାଟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି । ଏଥିଲାଗି ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଲଗାଣ ବର୍ଷା ଯୋଗୁଁ ଗୁଜରାଟରେ ଏପର୍ଯ୍ୟନ୍ତ ୩୬ଜଣଙ୍କ ଜୀବନ ଯାଇଥିବା ବେଳେ ୧୮ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୧୨ଶହରୁ ଅଧିକ ବିପନ୍ନଙ୍କୁ ବନ୍ୟା ପ୍ରଭାବିତ ଅଞ୍ଚଳରୁ ଉଦ୍ଧାର କରାଯାଇଛି।

ଦୁର୍ଗାପୂଜା ଭସାଣି ବେଳେ ଦୁଲୁକିବ ପାରମ୍ପରିକ ବାଜା

ଭୁବନେଶ୍ୱର, ୧।୯
ନ୍ୟୁଜ୍ ବ୍ୟୁରୋ

ପାର୍ବଣ ଋତୁ ପାଖେଇ ଆସୁଛି। ପୂଜା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । ମା'ଙ୍କ ପୂଜା ପାଇଁ ମାଟିଉଠା କାମ ହୋଇଯାଇଛି। ଦୁର୍ଗାପୂଜା ପାଇଁ ଏବେ ଠାରୁ ତୋରଣ କାମ ମଧ୍ୟ ଆରମ୍ଭ ହୋଇଯାଇଛି । କିନ୍ତୁ ଏଥର କଟକର ପ୍ରସିଦ୍ଧ ଦୁର୍ଗାପୂଜା ଭସାଣିର

30 YEARS
ସମୟ କହିଲା
ଭୁବନେଶ୍ୱର,୦୨ ସେପ୍ଟେମ୍ବର ୨୦୨୪ ସୋମବାର

ଓଡ଼ିଶା ଫେରିଲେ ଡାକ୍ତର ସ୍ୱୀକୃତି ମହାପାତ୍ର : ସ୍ୱାଧୀନ ପଣ୍ଡାଙ୍କ ପତ୍ତା ନାହିଁ

ୱାୟନାଡରେ ଏବେ ବି ନିଖୋଜ ୧୧୮ ଜଣ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଓଡ଼ିଶା ଫେରିଲେ ୱାୟନାଡ ଭୂସ୍ଖଳନରେ ଆହତ ହୋଇ ସେଠାରେ ଚିକିତ୍ସିତ ହେଉଥିବା ଡାକ୍ତର ସ୍ୱୀକୃତି ମହାପାତ୍ର। ସୁସ୍ଥ ହେବା ପରେ ସେ ତାଙ୍କ ଭଉଣୀଙ୍କ ସହ ଝାରସୁଗୁଡ଼ା ଫେରିଛନ୍ତି। କେରଳର ୱାୟନାଡରେ ଗତ ଜୁଲାଇ ମାସରେ ଘଟିଥିବା ସେହି ଅବର୍ଣ୍ଣନୀୟ ଭୂସ୍ଖଳନରେ ସ୍ୱୀକୃତିଙ୍କ ସହ ଫସି ଯାଇଥିଲେ ୪ ଓଡ଼ିଆ। ଏଥିରେ କଟକ ଚୌଦ୍ୱାର ଅଞ୍ଚଳର ବାସିନ୍ଦା ତଥା ଡାକ୍ତର ବିଷ୍ଣୁ ଚିନାରାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ତ୍ରୀ ଆହତ ହୋଇଥିଲେ। ତେବେ ସେ ସୁସ୍ଥ ହୋଇ ପୂର୍ବରୁ ଓଡ଼ିଶା ଫେରି ଆସିଛନ୍ତି। ଗୁରୁତର ହୋଇ କେରଳରେ ଚିକିତ୍ସାଧୀନ ଥିଲେ ଡାକ୍ତର

ସ୍ୱୀକୃତି ମହାପାତ୍ର। ଅନ୍ୟପକ୍ଷରେ ଅନ୍ୟତମ ନିଖୋଜ ଡାକ୍ତର ତଥା ସ୍ୱୀକୃତିଙ୍କ ବନ୍ଧୁ ସ୍ୱାଧୀନ ପଣ୍ଡାଙ୍କର ଏଯାଏଁ ଖୋଜଖବର ମିଳିନି। ୱାୟନାଡର ଭୟଙ୍କର ଭୂସ୍ଖଳନରେ ୪୨୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୯୭ ଜଣ ଆହତ ହୋଇଛନ୍ତି ଓ ୧୧୮ ଜଣ ଏବେ ବି ନିଖୋଜ ଅଛନ୍ତି।

ସ୍ଥାନୀୟ ଭାଷା, ସଂସ୍କୃତି ଓ ପରମ୍ପରାକୁ ପ୍ରୋତ୍ସାହନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଘରୋଇ ଏଫଏମ ରେଡିଓ ମାଧ୍ୟମରେ ରାଜ୍ୟର ବିଭିନ୍ନ ସ୍ଥାନୀୟ ଭାଷା, ସଂସ୍କୃତି ଓ ପରମ୍ପରାକୁ ସରକାରଙ୍କ ପ୍ରୋତ୍ସାହନ । ଖୁବଶୀଘ୍ର ପୁରୀ, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ ସମ୍ବଲପୁରରେ ୩ଟି ଲେଖାଏ ଏବଂ ବ୍ରହ୍ମପୁରରେ ହେବାକୁ ଯାଉଛି ୪ଟି ନୂଆ ଘରୋଇ ଏଫଏମ ରେଡିଓ ଷ୍ଟେସନ । ବୁଧବାର ପିଏମ ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟରେ ଭାରତର ୨୩୪ଟି ସହରରେ ୭୩୦ଟି ଘରୋଇ ଏଫଏମ ରେଡିଓ ସେବା ସମ୍ପ୍ରସାରଣକୁ ମିଳିଛି ଅନୁମୋଦନ । ଏହାମଧ୍ୟରେ ରହିଛି ଓଡ଼ିଶାର ୬ଟି ସହରରେ ୧୯ଟି ପ୍ରାଇଭେଟ୍ ଏଫ୍‌ଏମ୍ ରେଡିଓ ଷ୍ଟେସନ୍ । ପୁରୀରେ ୩ ନୂଆ ଏଫଏମ ଷ୍ଟେସନ ହେବାକୁ ଯାଉଥିବାରୁ ଖୁସି ପ୍ରକାଶ କରିଛନ୍ତି ଶ୍ରୀକ୍ଷେତ୍ରବାସୀ । ମାତୃଭାଷାରେ ସ୍ଥାନୀୟ ଭାଷାକୁ ପ୍ରୋତ୍ସାହନ ସହ ଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ଏହା ବେଶ ସହାୟକ ହେବ । ଏହି ପଦକ୍ଷେପ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ସୃଜନଶୀଳତାକୁ ପ୍ରୋତ୍ସାହନ କରିବ ବୋଲି ପୁରୀବାସୀ କହିଛନ୍ତି ।



ଜନହିତକର ପଦକ୍ଷେପ ପାଇଁ ବାରିପଦାବାସୀ ମୋଦି ସରକାରକୁ ଧନ୍ୟବାଦ ଦେଇଛନ୍ତି । ରଗ ମାଧ୍ୟମରେ ଗରିବ ଲୋକମାନେ କୃଷି, ପାଣିପାଗ ସୂଚନା ପାଇପାରବେ ବୋଲି କହିଛନ୍ତି ଭଦ୍ରକବାସିନ୍ଦା । ରାଜ୍ୟର ୫ଟି ସହରରେ ୩ଟି ଲେଖାଏଁ ରଗ ଷ୍ଟେସନ ହେବାକୁ ଯାଉଥିବାବେଳେ ବ୍ରହ୍ମପୁରରେ ଆରମ୍ଭ ହେବ ୪ଟି ନୂଆ ଏଫଏମ୍ ରେଡ଼ିଓ ଷ୍ଟେସନ୍। ବାଣିଜ୍ୟିକ ସହର ବ୍ରହ୍ମପୁରରେ ଏଫଏମ ଷ୍ଟେସନ୍ କରାଯିବାକୁ ଅନେକ ଦିନରୁ ଅପେକ୍ଷା ଥିଲା ବୋଲି ଗଞ୍ଜାମବାସୀ କହିଛନ୍ତି ।

ଅସ୍ୱାସ୍ଥ୍ୟକର ପରିବେଶରେ ଅବଢ଼ା ପ୍ରସ୍ତୁତି: ରୋଷଘର ମରାମତି ହେଉନି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
କୋଟି କୋଟି ଭକ୍ତଙ୍କ ଆସ୍ଥା, ବିଶ୍ୱାସ ଓ ଭରସାର ପ୍ରତୀକ ପ୍ରଭୁ ଲିଙ୍ଗରାଜ। ରାଜ୍ୟ ତଥା ଦେଶ ବିଦେଶରୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଆସିଥା'ନ୍ତି। ଦର୍ଶନ ସହ ଲିଙ୍ଗରାଜଙ୍କ ଅବଢ଼ା ପାଇବାକୁ ସମସ୍ତଙ୍କର ଆଶା ରହିଥାଏ। ହେଲେ ଅବଢ଼ା ପ୍ରସ୍ତୁତ ହେଉଥିବା ରୋଷଘର ସ୍ଥିତି ସଙ୍ଗିନ। ଦୀର୍ଘଦିନ ଧରି ମରାମତି ହେଉ ନଥିବାରୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ମହାସୁଆରମାନେ ଅବଢ଼ା ପ୍ରସ୍ତୁତ କରୁଛନ୍ତି। ସେହି ଅଭଡ଼ା ଠାକୁରଙ୍କ ନିକଟରେ ଭୋଗ ଲାଗୁଛି ଏବଂ ଭକ୍ତ ଖାଉଛନ୍ତି। ଯାହାକୁ ନେଇ ଅନେକ ଭକ୍ତ ଓ ସେବାୟତ ଚିନ୍ତା ପ୍ରକଟ କରିଛନ୍ତି। ଗତବର୍ଷ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ଉପରିସ୍ଥ ଅଧିକାରୀମାନେ ଲିଙ୍ଗରାଜ ମନ୍ଦିର ସ୍ଥିତି ପରଖିଥିଲେ। ରାଜ ଦେଉଳ ସମେତ ସମସ୍ତ ମନ୍ଦିର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହାପରେ ରୋଷଘର ଦେଖି ଚିନ୍ତା ପ୍ରକଟ କରିଥିଲେ। ତୁରନ୍ତ ରୋଷଘର କାମ କରିବାକୁ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ଭିତରେ ବର୍ଷେରୁ ଅଧିକ ସମୟ ବିତିଲାଣି, ହେଲେ ରୋଷଘର କାମ ଆରମ୍ଭ ହୋଇ ପାରୁନାହିଁ। ସୂଚନାନୁସାରେ ଲିଙ୍ଗରାଜଙ୍କ ରୋଷଘରେ ୬ ଜଣ ମାଲିକଙ୍କର ଏକାଧିକ ଚୁଲି ରହିଛି। ସେଠାରେ ମହାସୁଆର ସେବାୟତମାନେ ଠାକୁରଙ୍କ ନୀତିକାନ୍ତି ଭୋଗ ସହ ୫୦୦ରୁ ଅଧିକ ପରିମାଣର ପ୍ରସାଦ ଭକ୍ତଙ୍କ ପାଇଁ ରାନ୍ଧି ଥାଆନ୍ତି। ହେଲେ ରୋଷଘରର ବିଭିନ୍ନ ସ୍ଥାନରେ ପାଣି ଗଳୁଛି। ବର୍ଷାଦିନେ ସନ୍ତସନ୍ତିଆ ଜାଗାରେ ପ୍ରସାଦ ରଖା ଯାଉଛି। ସେବାୟତମାନେ ଖାଲିପାଦରେ ରୋଷେଇ କରୁଥିବାରୁ ଅନେକ ସମୟରେ ନାନା କଷ୍ଟ ଯନ୍ତ୍ରଣା ପାଉଛନ୍ତି। ସେହିପରି ରୋଷେଇ ପାଣି ନିଷ୍କାସନ ଥିବା ଡ୍ରେନ୍‌କୁ ମୂଷା ଗାଳି ବନ୍ଦକରି ଦେଇଥିବାରୁ ଅନେକ ସମୟରେ ରୋଷପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ରୋଷ ପାଇଁ ଲିଙ୍ଗରାଜଙ୍କ ଦକ୍ଷିଣ ପାଖରେ ଥିବା କୂଅରୁ ପାଣି ବ୍ୟବହାର କରାଯାଏ। କିନ୍ତୁ ଏହି କୂଅ ଖୋଲା ଥିବାରୁ ବାହାର ଅଳିଆ ପଡ଼ି କୂଅପାଣି ନଷ୍ଟ ହେଉଛି। ଆଉ ସେହି ପାଣି ରୋଷରେ ବ୍ୟବହାର ହେଉଛି। ମନ୍ଦିର ପ୍ରଶାସନ, ସେବାୟତ ଓ ଏଏସ୍‌ଆଇ ମଧ୍ୟରେ ସମନ୍ୱୟ ଅଭାବରୁ ରୋଷଘର କାମ ହୋଇ ପାରୁନଥିବା ଅଭିଯୋଗ ହେଉଛି। ଏ ପ୍ରସଙ୍ଗରେ ଏଏସ୍‌ଆଇର ବରିଷ୍ଠ ଅଧିକାରୀ ସୁଶାନ୍ତ କୁମାର କର କହିଛନ୍ତି, ''ଆମେ ରୋଷଘର କାମ କରିବାକୁ ପ୍ରସ୍ତୁତ ଅଛୁ। କିନ୍ତୁ ମନ୍ଦିର ପ୍ରଶାସନ ଆମକୁ ରୋଷଘର ଦେଲେ ହିଁ କାମ କରି ପାରିବୁ।'' ଏପଟେ ବ୍ରାହ୍ମଣ ନିଯୋଗର ସମ୍ପାଦକ ବିରଞ୍ଚି ନାରାୟଣ ପତି କହିଛନ୍ତି, ''ରୋଷ ଘରକାମ କରିବାକୁ ଆମେ ବାରମ୍ବାର ଦାବି କରିଛୁ। ଏବେ ରୋଷଘର କାମ ହେଲେ ଭକ୍ତଙ୍କ ପାଇଁ ପ୍ରସାଦ ପ୍ରସ୍ତୁତ ହୋଇ ପାରିବ ନାହିଁ। କାରଣ ଅସ୍ଥାୟୀ ରୋଷଘରର ଆକାର ବହୁତ ଛୋଟ। ଏଏସ୍‌ଆଇ କାମ ଆରମ୍ଭ କରି କେତେ ଶୀଘ୍ର ଶେଷ କରିବେ, ଲିଖିତ ଭାବେ ଦିଅନ୍ତୁ। ମରାମତି ଆଳରେ ଯଦି ବର୍ଷ ବର୍ଷ କାମ ହେବ, ତେବେ ଠାକୁରଙ୍କ ପର୍ବପର୍ବାଣୀରେ ଅସ୍ଥାୟୀ ରୋଷଘରେ ପ୍ରସାଦ ପ୍ରସ୍ତୁତ ହୋଇ ପାରିବ ନାହିଁ।'' ଅନ୍ୟପଟେ ଚିରାଚରିତ ଶୈଳୀରେ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ମହାନ୍ତି କହିଛନ୍ତି, ''ଖୁବଶୀଘ୍ର ମହାସୁଆର ଓ ଏଏସ୍‌ଆଇଙ୍କ ସହ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ।''

ରାଜ୍ୟରେ ବଢୁଛି ଡେଙ୍ଗୁ ସଂକ୍ରମଣ : ରୋଗୀଙ୍କ ସଂଖ୍ୟା ୩ ହଜାର ପାର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଚିନ୍ତା ବଢାଇଲା ଡେଙ୍ଗୁ। ଆଜି ସୁଦ୍ଧା ରାଜ୍ୟରେ ମୋଟ ଡେଙ୍ଗୁ ସଂଖ୍ୟା ୩୨୯୩ରେ ପହଞ୍ଚିଛି। ୭୭ ହଜାର ୨୬୭ ନମୁନା ପରୀକ୍ଷା ହୋଇଥିବା ବେଳେ ୩୨୯୩ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଗତକାଲି ୧୮୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଗତବର୍ଷ ଏହି ସମୟରେ ୪୮ ହଜାର ନମୁନା ପରୀକ୍ଷା ହୋଇଥିବା ବେଳେ ୩୧୯୮ ରୋଗୀ ଚିହ୍ନଟ ହୋଇଥିଲେ। ଚଳିତ ବର୍ଷ ସୁନ୍ଦରଗଡରେ ସର୍ବାଧିକ ୯୯୦ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖୋର୍ଦ୍ଧାରେ ୭୭୮ ରୋଗୀ ଚିହ୍ନଟ ହୋଇଛନ୍ତି। କଟକରେ ୧୯୯, ବାଲେଶ୍ୱରରେ ୧୫୯, ମୟୁରଭଞ୍ଜରେ ୧୨୭, ବଲାଙ୍ଗୀରରେ ୧୧୦, ଭଦ୍ରକରେ ୧୧୪ ରୋଗୀ ରହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଗୋଟିଏ ଟିମ ରାଉରକେଲାରେ ରହି କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ସୁନ୍ଦରଗଡ଼ ଚିନ୍ତା ବଢାଇଛି। ଷ୍ଟିଲ ଅଥରିଟି ଅଞ୍ଚଳରେ ବଢୁଛି ଡେଙ୍ଗୁ। ଷ୍ଟିଲ ଅଥରିଟି ଅଧିକାରୀଙ୍କ ସହ କଥା ହେଲେ ସ୍ୱାସ୍ଥ୍ୟ ବିଭାଗ। ସ୍ୱାସ୍ଥ୍ୟ ବିଭାଗର

ତିନୋଟି ଟିମ ରାଉରକେଲାର ପ୍ରଭାବିତ ଅଞ୍ଚଳ ଗସ୍ତ କରିସାରିଲେଣି। ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଚେଷ୍ଟା ଚାଲିଛି। ସେଣ୍ଟ୍ରାଲ କଣ୍ଟ୍ରୋଲ ରୁମ ମଧ୍ୟ କାର୍ଯ୍ୟ କରୁଛି ବୋଲି ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର।

ଏଟିଏମ୍‌ରୁ ବାହାରିବ ଦହି, ପନିର, କ୍ଷୀର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଏଟିଏମ୍‌ରୁ ବାହାରିବ ଦହି, ପନିର ଓ କ୍ଷୀର। ଚାହିଦା ଅନୁସାରେ ଉପଯୁକ୍ତ ଦେୟ ଦାଖଲ କଲେ ଉପଯୁକ୍ତ ପରିମାଣର ଜିନିଷ ଉପଲବ୍ଧ ହେବ। ଭୁବନେଶ୍ୱରରେ ଏଭଳି ଏକ ନିଆରା ବ୍ୟବସ୍ଥା କରିବାକୁ ଯାଉଛି ଓମ୍‌ଫେଡ୍। ଏହି ଏଟିଏମ୍ ସ୍ଥାପନ କରିବାକୁ ଜାଗା ଯୋଗାଇ ଦେବାକୁ ବିଏମ୍‌ସି ଓ ଜିଏ ବିଭାଗକୁ ଚିଠି ଲେଖିଛନ୍ତି ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ। ଜାଗା ମିଳିଲେ ତୁରନ୍ତ ଏହି ଏଟିଏମ୍ ସ୍ଥାପନ କରାଯିବ। ଭୁବନେଶ୍ୱରରେ ସଫଳ ହେଲେ ଅନ୍ୟ ସମସ୍ତ ମହାନଗର ନିଗମରେ ଏଭଳି ଏଟିଏମ୍ ଜରିଆରେ ଏହି ସବୁ ଜିନିଷ ଉପଲବ୍ଧ କରାଯିବ ବୋଲି ଜଣାପଡ଼ିଛି। ତା' ଛଡ଼ା କ୍ରମାନ୍ୱୟରେ ଓମ୍‌ଫେଡ୍ ପ୍ରସ୍ତୁତ ଅନ୍ୟ ସମସ୍ତ ଜିନିଷ ଉପଲବ୍ଧ କରିବାକୁ ଯୋଜନା ରହିଥିବା ଜଣାପଡ଼ିଛି। ପୂର୍ବରୁ ଓମ୍‌ଫେଡ୍ ଷ୍ଟଲରେ ଏହି ସବୁ ଜିନିଷ ଉପଲବ୍ଧ ହେଉଥିଲା। ଓମ୍‌ଫେଡ୍ ପ୍ରସ୍ତୁତ କ୍ଷୀର ପ୍ୟାକେଟ୍ ସହ ଅନ୍ୟ ସବୁ ଜିନିଷର ବେଶ ଚାହିଦା ରହିଥିଲା। କିନ୍ତୁ ଅନେକ ସମୟରେ କେତେକ ମୁନାଫାଖୋର ବ୍ୟବସାୟୀ ଏହି ସବୁ ଜିନିଷକୁ ଧାର୍ଯ୍ୟ ଦର ଠାରୁ ଅଧିକରେ ବିକ୍ରି କଲେ। ଯେତେ ଜାଗା ମିଳିବ ସେହି ଅନୁସାରେ ଭୁବନେଶ୍ୱରର ସମସ୍ତ ଅଞ୍ଚଳରେ ଏଭଳି ଏଟିଏମ୍ ସ୍ଥାପନ କରିବାକୁ ଉଦ୍ୟମ କରାଯିବ। ତେବେ ସହରର ପ୍ରମୁଖ ସ୍ଥାନମାନଙ୍କରେ ପ୍ରାଥମିକତା ଭିତ୍ତିରେ ସ୍ଥାପନ କରାଯିବାକୁ ଯୋଜନା ହୋଇଛି। ଧାର୍ଯ୍ୟ ଦର ପୈଠ କରିବା ପାଇଁ ନଗଦ ସହ ଅନ୍‌ଲାଇନ୍ ବ୍ୟବସ୍ଥା କରାଯିବ। ଉପଲବ୍ଧ ସାମଗ୍ରୀର ଦର ମଧ୍ୟ ସମ୍ପୃକ୍ତ ଏଟିଏମ୍‌ରେ ଉପଲବ୍ଧ ରହିବ। ଗ୍ରାହକ ଚାହିଦା ଅନୁସାରେ ଅର୍ଥ ପୈଠ କରି ଏହି ସାମଗ୍ରୀ ନେଇ ପାରିବେ।

୪୮୨ଟି ପ୍ରସାଦ ବିକ୍ରି କରୁଥିବା ମନ୍ଦିରକୁ ବିଏମ୍‌ସିର ନୋଟିସ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ପ୍ରସାଦ ବିକ୍ରି କରୁଥିବା ମନ୍ଦିରଗୁଡ଼ିକ ଏଥର ୟୁଜର୍ସ ଫି ଦେବେ। ତା' ସହିତ ପ୍ରତ୍ୟହ ବାହାରୁଥିବା ଆବର୍ଜନା ମଧ୍ୟ ବିଏମ୍‌ସିର ସଫେଇ ଗାଡ଼ିକୁ ଦେବେ। ସଫେଇ ଗାଡ଼ିରେ ଆବର୍ଜନା ନ ଦେଇ ଏଣେତେଣେ ଫିଙ୍ଗିଲେ ଜରିମାନା ଦେବେ। ଏଭଳି ନିର୍ଦ୍ଦେଶ ଦେଇ ବିଏମ୍‌ସି ୪୮୨ ମନ୍ଦିର ପରିଚାଳକଙ୍କୁ ନୋଟିସ୍ କରିଛି ବିଏମ୍‌ସି। କେବଳ ପ୍ରସାଦ ବିକ୍ରି କରୁଥିବା ମନ୍ଦିର ନୁହନ୍ତି ବରଂ ଯେଉଁ ମନ୍ଦିରରେ ବିଭିନ୍ନ ସମୟରେ ଭୋଜିଭାତର ଆୟୋଜନ ହେଉଛି ସେହି ମନ୍ଦିର କର୍ତ୍ତୃପକ୍ଷ ବା ପରିଚାଳକ ମଧ୍ୟ ୟୁଜର୍ସ ଫି ଦେବେ। ଲୋକ ସଂଖ୍ୟା ବା ମିଲ୍ ପରିମାଣ ଆଧାରରେ ଏହି ୟୁଜର୍ସ ଫି ଧାର୍ଯ୍ୟ ହେବ। ଏଠାରୁ ବାହାରୁଥିବା ସବୁଜ ଆବର୍ଜନା ଓ ଓଦା(ଖାଦ୍ୟ ପଦାର୍ଥ) ଆବର୍ଜନା ସିଧାସଳଖ ବାୟୋମିଥେନ୍ ପ୍ଲାଣ୍ଟକୁ ଯାଇ ପରିଚାଳନା ହେବ। ଫୁଲ, ତୁଳସୀପତ୍ର ଓ ଅନ୍ୟାନ୍ୟ ଆବର୍ଜନାକୁ ଧୂପକାଠି ପାଇଁ ସ୍ଥାପନ ହେବାକୁ ଥିବା ପ୍ଲାଣ୍ଟକୁ ପଠାଯିବ। ବିଏମ୍‌ସି କରିଥିବା ସର୍ଭେ ମୁତାବକ, ଭୁବନେଶ୍ୱରରେ ୭ଶହରୁ ଊର୍ଦ୍ଧ୍ୱ ମନ୍ଦିର ରହିଛି। ୪୩୩ ମନ୍ଦିରରେ ପ୍ରତ୍ୟେହ ପ୍ରସାଦ(ମଧ୍ୟାହ୍ନ ଭୋଜନ) ପ୍ରସ୍ତୁତ ହୋଇ ବିକ୍ରି କରାଯାଉଥିବା ବେଳେ ୪୯ ମନ୍ଦିରରେ ବିବାହ, ବ୍ରତ ଓ ଅନ୍ୟାନ୍ୟ ସାମାଜିକ ପର୍ବ ପାଳନ କରାଯାଉଛି। ଅର୍ଥାତ୍ ମୋଟ ୪୮୨ଟି ମନ୍ଦିରରେ ଖାଦ୍ୟପେୟର ବ୍ୟବସ୍ଥା ହେଉଛି। ୪୮୨ ମନ୍ଦିରରୁ ଦିନକୁ ୬୦୪୫ ମିଲ୍ ପ୍ରସ୍ତୁତ ହେଉଛି। ଏଥିରୁ ପ୍ରାୟ ୪ଶହ ଟନ୍ ବଳକା ଖାଦ୍ୟ ବାହାରୁଛି। ଶନି ମନ୍ଦିର ଓ ତାରିଣୀ ମନ୍ଦିରରୁ ସବୁଠାରୁ ଅଧିକ ବଳକା ଖାଦ୍ୟ ପଦାର୍ଥ ବାହାରୁଥିବା ବିଏମ୍‌ସି ଆକଳନ କରିଛି। ଏହି ସବୁ ଖାଦ୍ୟ ପଦାର୍ଥ ଏଣେତେଣେ ପଡୁଛି। ସବୁ ବେଳେ ସଂଗ୍ରହ ହୋଇ ପାରୁ ନଥିବାରୁ ଏଗୁଡ଼ିକ ଏଣେତେଣେ ପଡୁଛି। ଅଧିକାଂଶ ବଳକା ଖାଦ୍ୟ ନଳାରେ ପଡୁଛି। ଫଳରେ ଅଭାବନୀୟ ସ୍ଥିତି ସୃଷ୍ଟି ହେଉଛି। ଆବର୍ଜନା କମ୍ କରିବାକୁ ଯେତେ ଉଦ୍ୟମ ହେଲେ ବି ସମ୍ଭବ ହେଉ ନାହିଁ। ଏଣୁ ଏହି ନୋଟିସ୍ ପରେ ଶତ ପ୍ରତିଶତ ଆବର୍ଜନା ସଂଗୃହୀତ ହୋଇ ପାରିବ ବୋଲି ବି ଏମ୍‌ସି ଆଶା ବାନ୍ଧିବା ସହ ସମସ୍ତଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଛି। ଏହି ସବୁ ମନ୍ଦିରରୁ ପ୍ରତ୍ୟେକ ଦିନ ଫୁଲ, କଦଳୀ ଚୋପା, ବେଲପତ୍ର, କଦଳୀ ପତ୍ର, ତୁଳସୀପତ୍ର, ଖଲିପତ୍ର, ନଡିଆ କତା ଓ ଷଢ଼େଇ, ଗୁଆ, ଲେମ୍ବୁ, ବାଉଁଶ ଡାଲା, ତାଳ ଭୋଗେଇ, ପୋଡ଼ା ଧୂପ କାଠି ଓ ଖୋଳ, ବ୍ୟବହୃତ ଦୀପ, ସଳିତା, ଅଦରକାରୀ ବା ବଳକା ପ୍ରସାଦ, ଅବଢ଼ା, ଫଳମୂଳ, ଅଗରୁ, ଚନ୍ଦନ ଓ ଗଙ୍ଗା ଜଳ ବୋତଲ, ପଲିଥିନ୍, ଠାକୁରଙ୍କ ଅବ୍ୟବହୃତ ପୋଷାକ, ସାଲୁ କନା ଇତ୍ୟାଦି ବାହାରୁଛି। ଏଣୁ ଏ ସବୁ ବର୍ଜ୍ୟକୁ ଦୁଇଟି ଡଷ୍ଟବିନରେ ଓଦା ଓ ଶୁଖିଲା ଭାବେ ଅଲଗା ଅଲଗା କରି ରଖିବାକୁ କୁହାଯାଇଛି। ଫୁଲ, କଦଳୀ ଚୋପା, ବେଲ ପତ୍ର, କଦଳୀ ପତ୍ର, ଲେମ୍ବୁ, ଅଦରକାରୀ ବା ବଳକା ପ୍ରସାଦ, ଅବଢ଼ା, ଫଳମୂଳ ଇତ୍ୟାଦି ଓଦା ଡଷ୍ଟବିନ୍‌ରେ ଓ ଖଲିପତ୍ର, ନଡ଼ିଆ କତା ଓ ଷଢ଼େଇ, ଗୁଆ, ବାଉଁଶ ଡାଲା, ତାଳ ଭୋଗେଇ, ପୋଡ଼ା ଧୂପ କାଠି ଓ ଖୋଳ, ବ୍ୟବହୃତ ଦୀପ, ସଳିତା, ଖାଲି ବୋତଲ, ପଲିଥିନ୍, ଠାକୁରଙ୍କ ଅବ୍ୟବହୃତ ପୋଷାକ, ସାଲୁ କନା ଆଦି ଶୁଖିଲା ଡଷ୍ଟବିନରେ ରଖିବେ। ମନ୍ଦିରରୁ ବାହାରୁ ଥିବା ବାସି ଫୁଲଗୁଡିକରୁ ହାତ ତିଆରି ପ୍ରାକୃତିକ ଧୂପକାଠି ପ୍ରସ୍ତୁତ କରାଯାଇ ପାରିବ। ସେହିଭଳି ଅନ୍ୟ ଓଦା ଆବର୍ଜନା ଅଏଲ୍ ଇଣ୍ଡିଆ ଦ୍ୱାରା ସ୍ଥାପନ ହେବାକୁ ଥିବା ବାୟୋମିଥେନ୍ ପ୍ଲାଣ୍ଟରେ ଗ୍ୟାସ୍ ପ୍ରସ୍ତୁତ ହେବ। ଖଲି ପତ୍ର, କଦଳୀ ପତ୍ର ଓ ଦନା ଭଳି ସବୁଜ ଆବର୍ଜନା ସ୍ୱତନ୍ତ୍ର ଗାଡ଼ିରେ ଅଣାଯାଇ ଗୁଣ୍ଡ କରାଯିବ। ପରେ ସ୍ୱତନ୍ତ୍ର ମେସିନ୍ ଜରିଆରେ ଏହାକୁ ଚାପ ଦିଆଯାଇ ଇଟା(ବ୍ରିକେଟ୍) ରୂପ ଦିଆଯିବ। ଏଗୁଡ଼ିକ ଜାଳେଣି ଭାବରେ ବ୍ୟବହୃତ ହୋଇପାରିବ। ତେବେ ଘରୋଇ ବ୍ୟବହାର ନୁହେଁ, ବରଂ ଏହା ବାଣିଜ୍ୟିକ ବ୍ୟବହାର ପାଇଁ ଉଦ୍ଦିଷ୍ଟ ହେବ। ଏଭଳି ଜାଳେଣି ଓ ଧୂପକାଠି ପାଇଁ ଦୁଇଟି ପ୍ଲାଣ୍ଟ ଟିଟିଏସ୍ ଓ ପଳାସୁଣି ମେଗା ଏମ୍‌ସିସି ପରିସରରେ ସ୍ଥାପନ କରାଯିବ। ଏଥିପାଇଁ ବିଏମ୍‌ସି ଟେଣ୍ଡର ଡାକିଛି।

ଚିନ୍ତା ବଢାଇଲା ବାୟୁ ପ୍ରଦୂଷଣ: ୬୦ବର୍ଷରୁ କମ୍ ବୟସରେ ହେବ ମୃତ୍ୟୁ

ନୂଆଦିଲ୍ଲୀ,
ଦିନକୁ ଦିନ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ଦେଖିବାକୁ ମିଳୁଛି। ତେବେ ନିକଟରେ ଶିକାଗୋ ୟୁନିଭର୍ସିଟିର ଏନର୍ଜି ପଲିସି ଇନଷ୍ଟିଚ୍ୟୁଟ୍ ଏକ ରିପୋର୍ଟ ପ୍ରକାଶ କରିଛି। ଯାହାକି ଏବେ ଚିନ୍ତାର କାରଣ ପାଲଟିଛି। ଏହି ରିପୋର୍ଟ ଅନୁଯାୟୀ, ବାୟୁ ପ୍ରଦୂଷଣ ପାଇଁ ମନୁଷ୍ୟର ଆୟୁ ବା ଜୀବନକାଳ ହ୍ରାସ ପାଇବାରେ ଲାଗିଛି। ଦିଲ୍ଲୀରେ କ୍ରମାଗତ ବାୟୁ ପ୍ରଦୂଷଣ ଲାଗି ରହିଛି। ଯାହାଦ୍ୱାରା ସେଠିକାର ବାସିନ୍ଦାଙ୍କର ଆୟୁ ହ୍ରାସ ହେଉଛି । ବାୟୁ ପ୍ରଦୂଷଣ ପ୍ରାୟ ୧୨ ବର୍ଷ ଜୀବଳକାଳ ହ୍ରାସ ପାଇଛି। ଏୟାର କ୍ୱାଲିଟି ଲାଇଫ ଇଣ୍ଡେକ୍ସ ୨୦୨୪ ଅନୁଯାୟୀ, ଉତ୍ତରାଞ୍ଚଳ ରାଜ୍ୟ ମଧ୍ୟରୁ ସବୁଠୁ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨ସେପ୍ଟେମ୍ବର ୨୦୨୪ ସୋମବାର

ରାଜ୍ୟର ସବୁ ସହରାଞ୍ଚଳର ବିକାଶ ପାଇଁ ଆମ ସରକାର ସଚେତନ ଅଛନ୍ତି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଂଟରଠାରେ ଶନିବାର ରାଜ୍ୟସ୍ତରୀୟ ସ୍ୱାୟତ ଶାସନ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୩୦ଟି ଜିଲ୍ଲାରେ ୧୧୫୧ କୋଟି ଟଙ୍କାର ୪୮୧ଟି ବିଭିନ୍ନ ଉନ୍ନତି ମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥି ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୨୭ଜଣ ନବନିଯୁକ୍ତ ପୌରପ୍ରଶାସନିକ ସେବା ଅଧିକାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକ ମାନଙ୍କୁ ସ୍ୱାୟତ ଶାସନ ମାଧ୍ୟମରେ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଶାସନଗତ ବ୍ୟବସ୍ଥା ରହିଛି । ଏହି ସ୍ୱାୟତ ଶାସନ ବ୍ୟବସ୍ଥା ଦେଶରେ ସ୍ୱାଧିନତା ପ୍ରାପ୍ତିର ବହୁ ପୂର୍ବରୁ ଲର୍ଡ ରିପନଙ୍କ ସମୟରୁ ଆରମ୍ଭ ହୋଇଥିଲା । ସେ ଆହୁରି ମଧ୍ୟ କହିଥିଲେ ପଂଚାୟତି ରାଜ ଓ ସହରାଂଚଳରେ କାର୍ଯ୍ୟରତ ସ୍ୱାୟତ ଶାସନ ବ୍ୟବସ୍ଥାର କାର୍ଯ୍ୟଭାର ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ନିଜ କାନ୍ଧରେ ଉଠାଇବାକୁ ପଡିବ । ସେ କହିଥିଲେ ଏ ସରକାର ହେଉଛି ଲୋକଙ୍କ ସରକାର, ପୌରପ୍ରଶାସନ ସହ ଯୋଡି ହୋଇ ଜନପ୍ରତିନିଧି ଭାବେ ନିର୍ବାଚିତ ସମସ୍ତ କାଉନ୍‌ସିଲର, ଉପାଧ୍ୟକ୍ଷ ଓ ଅଧ୍ୟକ୍ଷ ମାନେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କ ଆଶା ପୂରଣ କରିବା ଦିଗରେ କାର୍ଯ୍ୟ କରିବା ଉଚିତ୍ । ଜନ ସାଧାରଣଙ୍କୁ ଉପଯୁକ୍ତ ସେବା ପ୍ରଦାନ ପାଇଁ ଏ ଦିଗରେ ସମସ୍ତ ସ୍ୱାୟତ ଶାସନ ସଂସ୍ଥାର ଅଧିକାରୀ ତଥା ଜନପ୍ରତିନିଧିମାନେ ନିଜ ନିଜର ଦାୟିତ୍ୱ ତୁଲାଇବା ଉଚିତ୍ । ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ ଓ ପୌରପାଳିକା ଗୁଡିକୁ ସଶକ୍ତ ଓ ସ୍ୱାଧୀନ ହୋଇ ନିଜ ନିଜ ପରିଧିରେ ବିଭିନ୍ନ ସହରାଞ୍ଚଳର ଭିତିଭୂମି ସମ୍ପର୍କିତ ଯୋଜନା ଓ ସେବା ପ୍ରଦାନ ପାଇଁ କାର୍ଯ୍ୟକରିବାକୁ ସାମ୍ବିଧାନିକ

ବ୍ୟବସ୍ଥା ରହିଛି । ଭାରତ ସରକାରଙ୍କ ସହଯୋଗରେ ନାଗରିକ ତଥା ବୈଷୟିକ ସେବା ଯୋଗାଣକାରୀ ବ୍ୟକ୍ତିଙ୍କ ପାଇଁ ଏକ ସରଳ ହ୍ୟାଣ୍ଡ ବୁକ୍ ଓ ଟୁଲ୍ କିଟ୍ ପ୍ରସ୍ତୁତି କରାଯାଉଛି । ଏହା ସେମାନଙ୍କୁ ମାଷ୍ଟର ପ୍ଲାନ, ବିଲ୍ଡିଙ୍ଗ୍ ପ୍ଲାନ ଓ ଲେ-ଆଉଟ୍ ଅନୁମୋଦନକୁ ସମୟୋଚିତ ସମ୍ପାଦନ କ୍ଷେତ୍ରରେ ସହାୟତା କରିବ । ସେ କହିଥିଲେ ଯେ ଆଜି ସମଗ୍ର ବିଶ୍ୱରେ ସହରୀକରଣ ବୃଦ୍ଧି ପାଉଛି । ଗ୍ରାମାଞ୍ଚଳରୁ ଅନେକ ଲୋକ ସୁଖ ସ୍ୱାଚ୍ଛନ୍ଦ୍ୟର ସୁନେଲି ସ୍ୱପ୍ନ ଓ ଅଧିକ ରୋଜଗାର ପାଇବା ଆଶାରେ ସହର ମୁହାଁ ହେଉଛନ୍ତି । କିନ୍ତୁ ବାସ୍ତବରେ ସେମାନେ ସହରରେ ଏ ସବୁ ପାଇନଥାନ୍ତି । ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ରାଜଧାନୀ ଭୁବନେଶ୍ୱର ୧୯୪୮ ମସିହାରେ ମାତ୍ର ୧୦ ହଜାର ଜନସଂଖ୍ୟା ପାଇଁ ଯୋଜନା କରାଯାଇଥିଲା । କିନ୍ତୁ ଆଜି ଏଠାରେ ୧୫ ରୁ ୨୦ ଲକ୍ଷ ଲୋକ ବସବାସ କରୁଛନ୍ତି । ଆଜି ଦିନରେ ଆମ ଭୁବନେଶ୍ୱର ଅର୍ଥନୀତିର ଅଭିବୃଦ୍ଧି ଘଟିଛି, ଆଧୁନିକତା ବଢିଛି, ଭାରତବର୍ଷରେ ଭୁବନେଶ୍ୱର ନାମି ସହର ଭାବେ ନାମ କମାଇଛି । କିନ୍ତୁ ଭୁବନେଶ୍ୱର ବାସିନ୍ଦାଙ୍କ ପାଇଁ ଆବଶ୍ୟକୀୟ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାର ସମସ୍ୟା ରହିଛି । ଆଗାମୀ ଦିନରେ ଭୁବନେଶ୍ୱର ସମେତ ରାଜ୍ୟର ସବୁ ସହରାଞ୍ଚଳର ବିକାଶ ପାଇଁ ଆମ ସରକାର ସଚେତନ ଅଛନ୍ତି ଏବଂ ଏହି ବିକାଶ କାମ ନିଶ୍ଚିତ ଭାବେ ହେବ ଏବଂ ଆଗାମୀ ଦିନରେ ଆମ ସହରଗୁଡିକର ଅବସ୍ଥାରେ ପରିବର୍ତନ ଆସିବ, ବିକଶିତ ହେବ ଏବଂ ସ୍ମାର୍ଟ ହେବ ବୋଲି ସେ କହିଥିଲେ । ଏଥି ସହିତ ଆଜି ଲୋକାର୍ପିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡିକ ଆଗାମୀ ଦିନରେ ଆମକୁ ସୁଖ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଜୀବନଯାପନ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟକୁ ସାକାର କରିବା ପାଇଁ ଆମେ ବିକଶିତ ଓଡିଶା ନିର୍ମାଣର ଲକ୍ଷ୍ୟ ରଖିଛୁ ଏଥି ନିମନ୍ତେ ଗ୍ରାମାଂଚଳ ସହିତ ସହରାଂଚଳ ବିକାଶକୁ ଗୁରୁତ୍ୱ ଦେଇ ବଜେଟ୍ ରେ ଅଧିକ ଅର୍ଥ ବ୍ୟବସ୍ଥା ମଧ୍ୟ କରିଛୁ ବୋଲି ସେ କହିଥିଲେ । ସେ ପୁଣି କହିଥିଲେ ପୌରପାଳିକା ଗୁଡିକରେ ଭାରତ ସରକାରଙ୍କ ପକ୍ଷରୁ 'ଜଳ ଜୀବନ ମିଶନ' ଯୋଜନା ମାଧ୍ୟମରେ ପ୍ରତି ଘରକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରହିଛି । ଜଳ ଯୋଗାଣ ପରିଚାଳନାରେ ଆମ ଜଳସାଥୀମାନେ ଦକ୍ଷତାର ସହ କାମ କରୁଛନ୍ତି । ଜଳର ମାନ ନିର୍ଦ୍ଧାରଣ ପାଇଁ ସେମାନେ ସକ୍ରିୟ ଭାବେ ନିୟୋଜିତ ଅଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ କହିଥିଲେ ଯେ ରାଜ୍ୟରେ ୫ଟି ମହାନଗର ନିଗମ ସହିତ ୧୧୫ଟି ସ୍ୱାୟତ୍ତଶାସନ ସଂସ୍ଥାର କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଆମ ସରକାର ପ୍ରତିବଦ୍ଧ ଅଛନ୍ତି । ଆମ ମୁଖ୍ୟମନ୍ତ୍ରୀ ଲୋକଙ୍କ ପାଖରେ ପହଞ୍ଚିବା ଓ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା ଦିଗରେ ସର୍ବଦା ଗୁରୁତ୍ୱ ଦେଉଛନ୍ତି । ସହରାଞ୍ଚଳ ବିକାଶ ସହିତ ଲୋକମାନଙ୍କୁ ସର୍ବନିମ୍ନ ଆବଶ୍ୟକତା ଯୋଗାଇଦେବା ଆମର ଦାୟିତ୍ୱ । ଏଥି ନିମନ୍ତେ ବିଭିନ୍ନ ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଉଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ କୋଭିଡ୍ ସମୟରୁ ଉଠାଦୋକାନୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ସ୍ୱ-ନିଧି ଯୋଜନାରେ ହିତାଧିକାରୀ ଏବଂ ଅଂଶୀଦାରମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ବାରିପଦାର ରାଇମଣୀ କିସ୍କୁ ଯୋଜନାରେ ଘର ପାଇଥିବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆଭାସି ଜରିଆରେ କଥା ହୋଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ସେହିପରି କୋରାପୁଟର ଜଳସାଥୀ ଶ୍ରୀମତୀ ରୀପା ହିଆଲ ଜଣେ ଗୃହିଣୀ ଓ ଜଳସାଥୀର ପରିଚୟ ପାଇ ତାଙ୍କ ପରିବାରକୁ ଖୁସୀରେ ଚଳାଉ ଥିବାରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ସମସ୍ତେ ଯେପରି ବିଶୁଦ୍ଧ ପାନୀୟ ଜଳ ପାଇବେ ତାକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ କହିଥିଲେ ଏବଂ ଯିବା ଆସିବା ପାଇଁ ଗାଡି ଚଳାଇଲା ବେଳେ ହେଲ୍‌ମେଟ୍ ପିନ୍ଧିବା ପାଇଁ ସଚେତନ କରିଥିଲେ । ଏହି ଅବସରରେ କଟକ ମହାନଗର ନିଗମର ପରିମଳ କର୍ମଚାରୀ ଝୁଲୁଲତା ନାୟକ ଓ ଡି. ଶିବା, ଭୁବନେଶ୍ୱର ମହାନଗର ନିଗମର ବାବୁଲି ନାହାକଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ, ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱଚ୍ଛ ଭାରତ ମିଶନର ମିଶନ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ଏବଂ ପୌରପ୍ରଶାସନ ନିର୍ଦ୍ଦେଶକ ଦେବାଶିଷ ସିଂ ଉପସ୍ଥିତ ଥିଲେ । ଆଜିର ଏହି ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢି ସ୍ୱାଗତ ଭାଷଣ ଦେଇଥିଲେ ।

ସେପ୍ଟେମ୍ବର ୨୯ରେ ନୂଆଁଖାଇ ଭେଟଘାଟ

ବରଗଡ଼, ନ୍ୟୁଜ ବ୍ୟୁରୋ

ସ୍ଥାନୀୟ ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ରେ ଗୋବିନ୍ଦ ଦାଶ ଙ୍କ ସଭାପତିତ୍ୱ ତଥା ସତ୍ୟନାରାୟଣ ପଣ୍ଡାଙ୍କ ଆବାହକତ୍ୱରେ ବରଗଡ଼ର ସର୍ବ ପୁରାତନ ବିଦ୍ୟାଳୟ ଜର୍ଜ ହାଇସ୍କୁଲ ର ୭୫ ମେଟ୍ରିକ୍ ବେଚର ସହପାଠୀ ମାନଙ୍କୁ ନେଇ ଆଗାମୀ ୨୯.୦୯.୨୦୨୪ ରବିବାର ଦିନ ନୂଆଁଖାଇ ଭେଟଘାଟ ପାଇଁ ବୃତ୍ତାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବରଗଡ଼ ବ୍ଲକ ମଧ୍ୟରେ ଥିବା ମିଶନ ଶକ୍ତି କାଫେରେ ନୂଆଁଖାଇ ଭେଟଘାଟ ର ଆୟୋଜନ କରାଯିବ ବୋଲି ସମସ୍ତେ ପ୍ରସ୍ତାବ ଦେଇଥିଲେ । ଏହି ଅବସରରେ ତୁଳସୀ ଚରଣ ଦାଶ ଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ନିର୍ମଳ କିଶୋର କର, ଅଭୟ ଭୋଇ,କୃଷ୍ଣ ଚନ୍ଦ୍ର ପଣ୍ଡା, ଗୋପାଳ ଦାଶ, ରାଜେନ୍ଦ୍ର ଲାଠ, ଲଳିତ ବିଶୀ, ସୁରେଶ ଦାଶ,ସ୍ୱାଧିନ ମହାରଣା, କୁଞ୍ଜ ବିହାରି ଗୁପ୍ତା, କୈଳାସ ଛାପଡିଆ, ରବିନ୍ଦ୍ର ପାଣିଗ୍ରାହୀ, ସୁଧାଂଶୁ ଶତପଥୀ, ଦେବୀ ପଟ୍ଟନାୟକ,ତାନସେନ ସରାଫ,ବନୱାରୀ ଲାଲ କଟାରୁକା, ବାଳମୁକୁନ୍ଦ ଦାଶ, ଗଣେଶ ରେଖାନୀ,ବାସୁଦେବ ପ୍ରଧାନ, ଅଶୋକ ପସାଏତ, ଶତୃଘ୍ନ ଦାଶ, ଅଶୋକ ପ୍ରଧାନ, ପ୍ରମୁଖ ଯୋଗଦେଇ ନିଜ ନିଜ ମତାମତ ପ୍ରଦାନ କରିଥିଲେ । ଶେଷରେ ସୁନୀଲ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

ସମବାୟ ଅଧିକାରୀଂକୁ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, (ନ୍ୟୁଜ)

ବାଲେଶ୍ୱରର ଜଣେ ସମବାୟ ବ୍ୟାଙ୍କ ଅଧିକାରୀଙ୍କର ପଦବୀର ଦୂରୁପଯୋଗ, ଅନିୟମିତତା ଓ ଆର୍ଥିକ ଦୁର୍ନୀତି ସଂପର୍କିତ ମାମଲାର ବିଚାର କରି ବାଲେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଲଳିତ କୁମାର ଦାସ ଦୋଷୀ ସାବ୍ୟସ୍ତ କରିବା ସହିତ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ଓ ଜୋରିମାନା ଆଦାୟ ପାଇଁ ଆଦେଶ ପ୍ରଦାନ କରିଛନ୍ତି । 'ନ୍ୟୁଜ'ର ହସ୍ତଗତ ହୋଇଥିବା ସୂଚନା ଅନୁଯାୟୀ ବାଲେଶ୍ୱର ଅର୍ବାନ କୋପରେଟିଭ ବ୍ୟାଙ୍କର ତତ୍କାଳିନ ସଂପାଦକ ପ୍ରଶାନ୍ତ କୁମାର ଦାସ ବ୍ୟାଙ୍କ ପାଇଁ ୨୦୧୦ ମସିହାରେ ଏ୦.୧୮୨ଡି.ର ଏକ ଜମି କ୍ରୟ କରିଥିଲେ । ଏହି ଜମି କ୍ରୟ ସମୟରେ ସମବାୟ ବିଭାଗର ପ୍ରଚଳିତ ନିୟମାନୁଯାୟୀ ରାଜ୍ୟ ସମବାୟ ନିବନ୍ଧକଙ୍କ ଠାରୁ ଶ୍ରୀ ଦାସ ଆବଶ୍ୟକୀୟ ଅନୁମତି ଆଣି ନଥିଲେ । ଜମିର ସରକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ ବହୁ ଅଧିକ ଦରରେ ସେହି ଜମି କ୍ରୟ କରାଯାଇଥିଲା । ଫଳରେ ଅର୍ବାନ କୋପରେଟିଭ ବ୍ୟାଙ୍କର ୬୪ଲକ୍ଷ ୧୬ ହଜାର ୭୭୬ ଟଙ୍କାର ଆର୍ଥିକ କ୍ଷତି ହୋଇଥିବାର ଅଭିଯୋଗ ହୋଇଥିଲା । ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ରାଧାକାନ୍ତ ମହାପାତ୍ର ମାମଲା ଲଢୁଥିଲେ ।

କୋଲକାତାକୁ ଗଞ୍ଜେଇ ଚାଲାଣ : ୨ ମାଫିଆଙ୍କ ସମେତ ୫ ଗିରଫ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

କନ୍ଧମାଳ ଫିରିଙ୍ଗିଆରୁ ଭୁବନେଶ୍ୱର ଦେଇ କୋଲକାତାକୁ ଗଞ୍ଜେଇ ଚାଲାଣ କରୁଥିବା ୫ଜଣିଆ ଗ୍ୟାଙ୍ଗ୍‌କୁ ବାନ୍ଧିଛି କମିସନରେଟ୍ ପୁଲିସର ସ୍ପେସାଲ୍ କ୍ରାଇମ୍ ୟୁନିଟ୍(ଏସ୍‌ସିୟୁ) । ଗତକାଲି ରାତିରେ ଏକ ସ୍ୱତନ୍ତ୍ର ଅପରେସନ୍ 'ନାଇଟ୍‌ହକ୍' ଜରିଆରେ ପୁଲିସ ଟିମ୍ ଏହି ଗ୍ୟାଙ୍ଗ୍‌କୁ ଲକ୍ଷ୍ମୀସାଗର ଥାନା ବମିଖାଲରୁ କାବୁ କରିଛି । ସେମାନଙ୍କଠାରୁ ୨ଟି କାର(କିୟା ସେଲ୍‌ଟସ୍ ଓ ହୋଣ୍ଡା ଆମେଜ୍) ଓ ୧୩୦ କେଜି ଗଞ୍ଜେଇ ଜବତ କରାଯାଇଛି । ସେମାନେ ହେଲେ ଖୋର୍ଦ୍ଧା ଜଙ୍କିଆ ବଘେଇପୁରର ବିଟେକ୍ ପାସ୍ କରିଥିବା ମାଷ୍ଟରମାଇଣ୍ଡ ପୁଷ୍କକ ଶ୍ରୀଚନ୍ଦନ ଓରଫ ଜିତୁ(୨୫), ସିକୋର ମିଲନ୍ ନାୟକ(୨୩) ଓ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ନଇପୁରର ସେକ୍ ଜମିରୁଲ୍ଲା(୩୬) । ଏମାନଙ୍କ ସହ କୋଲକାତାର ୨ ମାଫିଆ ଆଜ୍‌ମେର ଶେଖ୍(୨୮) ଓ ସେକ୍ ଅମିର(୩୯)କୁ ମଧ୍ୟ ଗିରଫ କରାଯାଇଛି । ପୁଲିସ ସେବାଭବନରେ ସିପି ସଞ୍ଜୀବ କୁମାର ପଣ୍ଡା ଓ ଡିସିପି ପ୍ରତୀକ ସିଂ ଏହି ଗ୍ୟାଙ୍ଗ୍ ବାବଦରେ ସୂଚନା ଦେଇଥିଲେ । ଅଧିକ ତଦନ୍ତ ପାଇଁ ଏହି ଗ୍ୟାଙ୍ଗ୍‌କୁ ୩ ଦିନିଆ ରିମାଣ୍ଡରେ ଆଣିବାକୁ ଯୋଜନା କରାଯାଇଛି । ଦାମୀ କାର ଚଢ଼ିବା ଓ ଷ୍ଟାରହୋଟେଲ୍‌ରେ ବଙ୍ଗୀୟ ଯୁବତୀଙ୍କ ସହ ରହିବା ଥିଲା ତା'ର ବଡ଼ ସଉକ । କୋଲକାତା ମାଫିଆମାନେ ଏଥିପାଇଁ ତାକୁ ସହଯୋଗ କରୁଥିଲେ । ବଡ଼ କଥା ହେଉଛି ବଙ୍ଗୀୟ ଯୁବତୀ ଓ ମଡେଲ୍‌ଙ୍କ ସହ ନାଚି ରିଲ୍‌ସ କରିବା ଥିଲା ତା'ର ବଡ଼ ନିଶା । ପୁଲିସ ତା' ମୋବାଇଲ୍‌ରୁ ଏମିତି ରିଲ୍‌ସ ପାଇଛି । ଏକାସାଙ୍ଗେ ଦୁଇଦୁଇ ଯୁବତୀଙ୍କ ସହ ନାଚି ପୁଷ୍କକ ରିଲ୍‌ସ କରିଛି । ପୁଷ୍କକର ସହଯୋଗୀ ସେକ୍ ଜମିରୁଲ୍ଲା ଭିଡିଓ ଏଡିଟ୍ ଜାଣିଥିବାରୁ ରିଲ୍‌ସ କରିବାରେ ପୁଷ୍କକକୁ ସହଯୋଗ କରୁଥିଲା ।

'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମ : 'କବି ନିଜ ଭିତରର ପ୍ରେରଣାକୁ ଅନୁସରଣ କରିଥାଏ'

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

କବିତା ଆତ୍ମାର ଅନ୍ତରଙ୍ଗ ଉଚ୍ଚାରଣ । ଜୀବନ ଯେମିତି କବିତା ସେମିତି । କବିତା ମାଧ୍ୟମରେ ନିଜକୁ ପରଖି ହୁଏ ବୋଲି ବିଶିଷ୍ଟ କବି ମମତା ଦାଶ ମତବ୍ୟକ୍ତ କରିଛନ୍ତି । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ଦାଶ ନିଜ ସୃଜନଯାତ୍ରାର ବିବରଣୀ ପ୍ରଦାନ କରିଛନ୍ତି । ପ୍ରସିଦ୍ଧ କବି ଡ. ସୌଭାଗ୍ୟ କୁମାର ମିଶ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଉପସ୍ଥିତ ଲେଖକଲେଖିକାମାନଙ୍କୁ ଶୁଭକାମନା ଜ୍ଞାପନ କରିଥିଲେ । 'ମୋ ସୃଜନ, ମୋ ଜୀବନ' ପ୍ରସଙ୍ଗରେ ଆଲୋକ ପାତ କରି କବି ଶ୍ରୀମତୀ ଦାଶ କହିଥିଲେ ଯେ ପ୍ରକୃତ କବି ନିଜ ଭିତରର ପ୍ରେରଣାକୁ ଅନୁସରଣ କରିଥାଏ । ସେ କବିତା, ଗଳ୍ପ, ପ୍ରବନ୍ଧ ରଚନା ଏବଂ ଅନୁବାଦରେ ଆଗ୍ରହ ରଖି ସୃଜନ ସାଧନା ଜାରି ରଖିଛନ୍ତି ବୋଲି ଦର୍ଶାଇ ତାଙ୍କ ସାରସ୍ୱତ ଜୀବନର ପ୍ରେରଣା ଓ ପରିବେଶ ଉପରେ ଉଲ୍ଲେଖ କରିଥିଲେ । ମୌସୁମୀ ଦାସ, ନନ୍ଦ କିଶୋର ବିଶ୍ୱାଳ ଓ ପ୍ରଦୀପ୍ତ କୁମାର ବାରିକଙ୍କ ପ୍ରଶ୍ନରେ କବି ଶ୍ରୀମତୀ ଦାଶ ଉତ୍ତର ରଖିଥିଲେ । 'ଏ ମାସର କବି' ଭାବରେ ଯୋଗଦେଇ ସୁଶ୍ରୀ ଐଶ୍ୱର୍ଯ୍ୟା ରାଉତ ସ୍ୱରଚିତ କବିତା ପାଠ କରିଥିଲେ । ପରେ ଅଭୟ ନାରାୟଣ ନାୟକ ଓ ମିନତୀ ମିଶ୍ରଙ୍କ ଯୁଗ୍ମ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଧୁଭୂଷଣ ତ୍ରିପାଠୀ, ଅଲେଖ ଚରଣ ରାଉତ, କୁମୁଦିନୀ ଜୀ, ଶଶିପ୍ରଭା ଦାସ, ପବିତ୍ର ମୋହନ ବାରିକ, ପ୍ରଣତି ପରିଡ଼ା, ନିରୁପମା ରଥ, ଅଶୋକ ସିଂହ,

ମହେନ୍ଦ୍ର କୁମାର ମଲ୍ଲିକ, ଶ୍ୟାମାକିଙ୍କର ମହାନ୍ତି, ସୁବ୍ରତ ସେନାପତି, କ୍ଷଣପ୍ରଭା ମହାନ୍ତି, ପବିତ୍ର ମୋହନ କର, ମନମୋହନ ମିଶ୍ର, ଗଗନ ବିହାରୀ ନାୟକ, ରଜନୀ କାନ୍ତ ପଟ୍ଟନାୟକ, ପୁଷ୍ପଲତା ମିଶ୍ର, ଦିଲ୍ଲୀପ ନାୟକ, ପ୍ରତିମା ମିଶ୍ର, ପ୍ରକାଶ ଚନ୍ଦ୍ର ବେହେରା, ସୁବ୍ରତ ରଥ, ବିଷ୍ଣୁପ୍ରିୟା ଜେନା, ଇତିଶ୍ରୀ ପତି, ବଳଦେବ ବେରିହା, ଶୈଳେନ୍ଦ୍ର ଜେନା ପ୍ରମୁଖ କବିତା ପାଠ କରିଥିଲେ । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରାଚିନ ସଭ୍ୟତାର ପ୍ରାଣକେନ୍ଦ୍ର କଟକକୁ ଦିଆଯିବ ଆଧୁନିକ ରୂପ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ

କଟକ, ନ୍ୟୁଜ ବ୍ୟୁରୋ

ଓଡ଼ିଆ ସଂସ୍କୃତିର ପୀଠ ଏବଂ ଓଡ଼ିଆ ସଂଗ୍ରାମର ପେଣ୍ଠସ୍ଥଳୀ ହେଉଛି କଟକ । ରେଭେନ୍ସା ବିଶ୍ୱବିଦ୍ୟାଳୟ, ହାଇକୋର୍ଟ ଏବଂ ବଡ଼ ମେଡିକାଲ କଟକର ଗାରିମା ଓ ଅନନ୍ୟ ପରିଚୟକୁ ପ୍ରତିଫଳିତ କରିଆସିଛି । ଏଠାରେ ପାଳିତ ଐତିହାସିକ 'ବାଲିଯାତ୍ରା' ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟର ମୁକସାକ୍ଷୀ । ପୁରାତନ ସଭ୍ୟତାର ପ୍ରାଣକେନ୍ଦ୍ର କଟକକୁ ଏକ ଆଧୁନିକ ସହର ଭାବେ ତିଆରି କରିବା ପାଇଁ ଆମ ସମସ୍ତେ ଉଦ୍ୟମ କରିବା ଦରକାର ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ମହାନଗର ନିଗମ ତରଫରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହା କହିଛନ୍ତି କେନ୍ଦ୍ରମନ୍ତ୍ରୀ । ଶ୍ରୀ ପ୍ରଧାନ ପ୍ରଥମେ ଖାନନଗର ଠାରେ ଗେଲ୍ ଇଣ୍ଡିଆ ଦ

ପକ୍ଷାନ୍ତରୀୟ
30 YEARS
ସମ୍ବାଦ କାଳିକା

ଭାରତରେ ମାତ୍ର ୧୪ ପ୍ରତିଶତ କର୍ମଚାରୀ କାମରେ ସଫଳ

ଭାରତରେ କାର୍ଯ୍ୟ କରୁଥିବା ଲୋକମାନେ ନିଜ କାମରେ ବିଶେଷ ସନ୍ତୁଷ୍ଟ ନାହାନ୍ତି । ଅଧିକାଂଶ କର୍ମଚାରୀ ନିଜର ଜୀବନକୁ ସଂଘର୍ଷରତ ଓ ଦୁଃଖମୟ ବୋଲି କହିଛନ୍ତି । ଗ୍ୟାଲପ୍ ବିଶ୍ୱ କର୍ମକ୍ଷେତ୍ର ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି । କାର୍ଯ୍ୟକ୍ଷେତ୍ରରେ ସନ୍ତୁଷ୍ଟିକୁ ନେଇ ଭାରତର ପ୍ରଦର୍ଶନ ନେପାଳଠାରୁ ବି ଖରାପ ରହିଛି । ଗ୍ୟାଲପ୍ ରିପୋର୍ଟ ଅନୁସାରେ ଭାରତରେ ମାତ୍ର ୧୪ ପ୍ରତିଶତ କର୍ମଚାରୀ କାମରେ ସଫଳ ଥିବା କହିଛନ୍ତି । ଅବଶିଷ୍ଟ ୮୬ ପ୍ରତିଶତ କର୍ମଚାରୀ କର୍ମକ୍ଷେତ୍ରରେ ସଂଘର୍ଷ କରୁଥିବା କିମ୍ବା ଦୁଃଖୀ ଥିବା କହିଛନ୍ତି । କେବଳ ଭାରତ ନୁହେଁ ସମଗ୍ର ଦକ୍ଷିଣ ଏସିଆରେ ଏଭଳି ସ୍ଥିତି ରହିଛି । ବିଶ୍ୱସ୍ତରରେ ହାରାହାରି ଭାବେ ୩୪ ପ୍ରତିଶତ କର୍ମଚାରୀ ନିଜକୁ ସଫଳ ବିବେଚନା କରୁଥିବା ବେଳେ ଦକ୍ଷିଣ ଏସିଆରେ ଏହି ହାର ଯଥେଷ୍ଟ କମ୍ ରହିଛି ।

ଏହି ସର୍ବେକ୍ଷଣରେ ଭାଗ ନେଇଥିବା ୩୫ ପ୍ରତିଶତ ଭାରତୀୟ କହିଛନ୍ତି ଯେ ପ୍ରତିଦିନ ସେମାନଙ୍କୁ ରାଗ ଲାଗୁଛି ଯାହା ଦକ୍ଷିଣ ଏସିଆରେ ସର୍ବାଧିକ । ୩୨ ପ୍ରତିଶତ କର୍ମଚାରୀ କହିଛନ୍ତି ଯେ ସେମାନେ ଚାପରେ ଅଛନ୍ତି । ଏହି ହାର କିନ୍ତୁ ସବୁଠୁ କମ୍ ରହିଛି । ଶ୍ରୀଲଙ୍କାର ୬୨ ପ୍ରତିଶତ ଏବଂ ଆଫଗାନିସ୍ତାନର ୫୮ ପ୍ରତିଶତ କର୍ମଚାରୀ ଚାପରେ ଥିବା କହିଛନ୍ତି । ଭାରତୀୟ କର୍ମଚାରୀମାନେ କାମକୁ ନେଇ ଏତେଟା ସନ୍ତୁଷ୍ଟ ନଥିଲେ ମଧ୍ୟ କାମ ସହିତ ଯୋଡ଼ିହୋଇରହିବାରେ ସେମାନେ ଅନ୍ୟ ଦେଶର କର୍ମଚାରୀଙ୍କଠାରୁ ଆଗରେ ରହିଛନ୍ତି । ଭାରତରେ କର୍ମଚାରୀ ସମ୍ପୃକ୍ତି ହାର ୩୨ ପ୍ରତିଶତ ରହିଛି ଯାହା ବିଶ୍ୱର ହାରାହାରି ହାର ୨୩ ପ୍ରତିଶତଠାରୁ ଅଧିକ ।

ଗ୍ୟାଲପ୍ ପକ୍ଷରୁ ବିଭିନ୍ନ ଦେଶର କର୍ମଚାରୀମାନଙ୍କ ଶାରିରୀକ ଓ ମାନସିକ ସ୍ଥିତିକୁ ଅନୁଶୀଳନ କରି ସେମାନଙ୍କୁ ସଫଳ, ସଂଘର୍ଷରତ ଓ ଦୁଃଖୀ ଭଳି ତିନିଟି ବର୍ଗରେ ଭାଗ କରାଯାଇଛି । ଯେଉଁମାନେ ନିଜର ବର୍ତ୍ତମାନ ଓ ଭବିଷ୍ୟତ ସମ୍ଭାବନାକୁ ନେଇ ସକାରାତ୍ମକ ମତ ଦେଇଥିଲେ ସେମାନଙ୍କୁ ସଫଳ ବର୍ଗରେ ରଖାଯାଇଛି । ଯେଉଁମାନେ ନକାରାତ୍ମକ ମତ ଦେଇଥିଲେ ଏବଂ ଦୈନିକ ଚାପ ଓ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା କହିଥିଲେ ସେମାନଙ୍କୁ ସଂଘର୍ଷରତ ବର୍ଗରେ ରଖାଯାଇଛି । ଶାରିରୀକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା କହିଥିବା କର୍ମଚାରୀମାନଙ୍କୁ ଦୁଃଖୀ ବର୍ଗରେ ରଖାଯାଇଛି ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା, କମଳା, ଶ୍ରୀ ହରପ୍ରିୟା ଇନ୍ଦିରା, ଲୋକ ମାତା, ମା' କ୍ଷୀରବ୍ଧୀ ତନୟା ରମା ।'

ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

ଏ ମଣିଷକୁ ପଥର କଲା କିଏ ? (୨)

ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

(ପୂର୍ବ ପ୍ରକାଶନ ଉତ୍ତାରୁ)

ବସିଖିଆର ଖଟିଖିଆ ଉପରେ ହାକିମାତି । ଶ୍ରମିକକୁ ଶିଳ୍ପପତିର ନାଲିଆଖି । ଥିଲାବାଲାର ନଥିଲା ବାଲାକୁ ଶୋଷଣ । ବୁର୍ଜୁଆଙ୍କର ପ୍ରୋଲୋଟାରିଏଟ୍‌ଙ୍କ ଉପରେ ଆଧିପତ୍ୟ । ବଞ୍ଚିତ ଗୋଷ୍ଠୀ ଉପରେ ଭୋଗୀଙ୍କ ହୁକୁମାତି । ଏଇ କଥାଟି ସୁଦୃଢ଼ କରିଛି ସାମାଜିକ ବୈଷମ୍ୟ, ବଡ଼ ସାନ ଭେଦଭାବ । ଗୋଟେ ପଟେ ଶୋଷିତର ଲହୁ ଲୁହର କାହାଣୀ, ଆର ପଟେ ଶୋଷକର ବଢ଼ତି । ଏଇ ଭେଦଭାବ, ସାମାଜିକ ବାଛ ବିଚାର କାହିଁ କେତେ କାଳର । ପୁରାଣରେ ଏ କଥାର ଶହ ଶହ ନଜିର । ଭୋଗ ସର୍ବସ୍ୱ ଦେବତାମାନେ । ବଞ୍ଚିତ ଗୋଷ୍ଠୀ ରାକ୍ଷସ କୁଳ । ସେଦିନ ଆରମ୍ଭ ହେଲା ସମୁଦ୍ର ମନ୍ଥନ । ମନ୍ଦର ପର୍ବତ ଦେହରେ ବାସୁକୀ ନାଗ ରଜ୍ଜୁ । ଦେବତାମାନେ ସର୍ପ ଲାଙ୍ଗୁଡ଼ ପଟେ । ଦୁର୍ଦ୍ଧର୍ଷ ରାକ୍ଷସମାନେ ବାସୁକୀର ମୁଣ୍ଡ ଧରିଲେ । ଆରମ୍ଭ ହେଲା ମନ୍ଥନ । ମିଳିଲା ବହୁ ଦୁର୍ଲଭ ଦ୍ରବ୍ୟ । ଐରାବତ ହସ୍ତୀ, ଉଚ୍ଚୈଶ୍ରବା ଅଶ୍ୱ, ବରୁଣ କନ୍ୟା ଲକ୍ଷ୍ମୀ, ଶେଷରେ ଅମୃତ । ଅଦ୍ଭୁତ ଏହାର ଜୀବନୀ ଶକ୍ତି । ସବୁ ନେଲେ ଦେବତାମାନେ । ଚଞ୍ଚକ କଲେ, ଅମୃତ ବି ପାନକଲେ । ହେଇଗଲେ ଅମର । ରହିଲେ ଚିର ଯୌବନ । ପ୍ରତାରିତ ହେଲେ ରାକ୍ଷସମାନେ । ମୋହିନୀ ବେଶରେ ସ୍ୱୟଂ ବିଷ୍ଣୁ । ରାକ୍ଷସମାନେ ତାଙ୍କ ରୂପରେ ବିହ୍ୱଳ, ବୁଝିପାରିଲେନି ଦେବମାୟା । ସତ ଅମୃତ ଦେବତାଙ୍କୁ ମିଳିଲା, ରାକ୍ଷସମାନଙ୍କୁ ଭଣ୍ଡେଇ ଦିଆଗଲା । ଜଣେ ରାକ୍ଷସ, ଛଦ୍ମବେଶରେ ଅମୃତ ଖାଇଦେଲେ । ବିଷ୍ଣୁ ତାଙ୍କୁ ଚକ୍ରରେ ନିଧନ କଲେ । ସେଇ ବିଖଣ୍ଡିତ ଦୁଇଗ୍ରହ ରାହୁ, କେତୁ । ଦେବତାମାନଙ୍କର ଏଇ ଅବିଚାର । ମର୍ତ୍ତ୍ୟ ଧାମର ମଣିଷ । ଟଙ୍କାରେ ଅନ୍ଧ । କାମିନୀ କାଞ୍ଚନ ମୋହରେ ବିମୋହିତ । ସେମାନଙ୍କର ଲୋଡ଼ା ଟଙ୍କା । ଟଙ୍କାର ଏ ଜୀବନ, ମାନ, ମହତ ସବୁକିଛି । ଅର୍ଥ ପାଗଳମାନେ ହରାଇଲେ ମାନବିକତା । ମଣିଷ ପଣିଆର ନିତି ବଳିଦାନ । ସୃଷ୍ଟି ହେଲ ଏକ ବିଚିତ୍ର ସମାଜ । ଧନୀ, ଦରିଦ୍ର । ଧନୀ ଆହୁରି ଧନୀ ହେଲା, ବିଚରା ସର୍ବହରାମାନେ ଶୋଷଣର ଶିକାର ପାଲଟିଲେ । ଏଇଟି ସବୁ ଯୁଗର, ସବୁ କାଳର କଥା ।

ସାମାଜିକ ବୈଷମ୍ୟ । ମିଲ୍ ମାଲିକର ଶ୍ରମିକକୁ ଠେଙ୍ଗେଇବାର କରୁଣ କାହାଣୀ । ବ୍ୟଥିତ ହେଲେ ବହୁ ଚିନ୍ତା ନାୟକ, ଦାର୍ଶନିକ । ଏମାନେ ସମାଜରେ ଆର୍ଥନୀତିକ ସମତାର ବାର୍ତ୍ତା ବାଣ୍ଟିଲେ । ସାମ୍ୟବାଦର ଦର୍ଶନ ଶୁଣାଇଲେ । ସେମାନଙ୍କ ମଧ୍ୟରେ କାର୍ଲମାର୍କ୍ସ, ଏଞ୍ଜେଲ - ଏ ଦୁଇ ମହାନ ଦାର୍ଶନିକ ସର୍ବାଗ୍ରେ । ରହିବ ନାହିଁ ମୂଲିଆ ମାଲିକ ଭେଦ । ସବୁ ମଣିଷ ସମାନ । ବଡ଼ ସାନ ଯାହା ଭେକର ଭିଆଣ । ଯୋର କରି ନ୍ୟାର୍ଯ୍ୟ ଦାବି ହାସଲ କରିବାକୁ ହେବ । ହେଉପଛେ ପନ୍ଥା ଯେତେ କଠୋର । ନିଷ୍ପତ୍ତି ହେଉ ଅତି ନିର୍ମମ, ହୋଇ ଯାଉ ରକ୍ତପାତ । ଯୋର କରି ହକ୍ ଆଣିବ ନଥିଲାବାଲା । ପୁଞ୍ଜିପତିର ଶାସନ ସେ ମାନିବନି । ଏମାନେ ରକ୍ତବୀଜର ଦଳ । ମୃତ୍ୟୁର ଜଳେ ପହଁରି ପହଁରି ତୋଳିବେ ରକ୍ତକଇଁ । କୃଷ୍ଣ ନାଗର ଦଂଶନ ସେମାନଙ୍କୁ ପ୍ରତିହତ କରିପାରିବନି । ଏକରୁ ଅନେକ ସୃଷ୍ଟି ହେବେ । ବାଡ଼ବ ଉଠିବ, ଗିରି ଚମକିବ । ସୃଷ୍ଟି ହେବ ଭୂମିକମ୍ପ । ମାଡ଼ି ଆସିବ ସୁନାମୀ । ତଥାପି ମଥା ନଇଁବନି ସର୍ବହରା । ଆରମ୍ଭ ହେଲା ବିପ୍ଳବ । କେତେ କେତେ ରାଜତନ୍ତ୍ର ଭୁଷୁଡ଼ି ପଡ଼ିଲା । ଶହ ଶହ ମିଲ୍ ମାଲିକ ହେଲେ ନିଶ୍ଚିହ୍ନ । କମ୍ୟୁନିଷ୍ଟ ରାଷ୍ଟ୍ରମାନେ ମୁଣ୍ଡ ଟେକିଲେ । ରାଜନୀତିକ ଦଳ ବି । ମାତ୍ର ସ୍ଥିତି ଯଥା ପୂର୍ବମ୍, ତଥା ପରମ୍ । ଶୋଷକ ଅଛନ୍ତି, ଶୋଷଣ ଚାଲିଛି । ଧୋବ ଧାଉଳିଆ, ଗନ୍ତା ଯୋଡ଼ିଆ, ପୋଖରୀକ ମାଛ ଖାଆନ୍ତି । ସାମାନ୍ୟ ଟିକେ କାଦୁଅ ଛିଟା ନାହିଁ । ଶୋଷକର ଶୋଷଣ, ଶୋଷିତର କଥା, ବ୍ୟଥା । ଏଥିରେ ବହୁ ବିଶ୍ୱସ୍ତରୀୟ ସାହିତ୍ୟିକ ପ୍ରଭାବିତ । ସୃଷ୍ଟି ହୋଇଛି ଉଚ୍ଚାଙ୍ଗ ସାହିତ୍ୟ । ଉଣା ଅଧିକେ ସାମ୍ୟବାଦର ସ୍ୱର । ଏଥିରେ ସାହିତ୍ୟର ବିଭିନ୍ନ ବିଭାଗରେ ଅନୁରଣିତ । ସେମିତି ଜଣେ ମହାନ୍ ସ୍ରଷ୍ଟା, ସାଧକ ଗୋଦାବରୀଶ ମହାପାତ୍ର । ତାଙ୍କର ବିଭିନ୍ନ ଗଳ୍ପରେ ସାମ୍ୟବାଦର ସ୍ୱର; ରହିଛି ଶୋଷକର ପ୍ରଭୁଭକ୍ତି । ରାଜାଙ୍କ ପ୍ରତି ଆନୁଗତ୍ୟ । ଏ ସବୁର କରୁଣ କାହାଣୀ । ଅନୁରୂପ ଗପଟିଏ, "ଏ ମଣିଷକୁ ପଥର କଲା କିଏ ?" ସେଇ ହତଭାଗ୍ୟ ଭୀମ ଦାସ, ରାଜାର ଆଦେଶ ପାଳିଛି । ଶେଷରେ ହେଇଯାଇଛି ପଥର ପରି ପଥର । ଅକୁଣ୍ଠ ଚିତ୍ତରେ ସ୍ୱୀକାର କରିଛି - ରାଜା ! ମୋ ରାଜା !

ମଧୁପୁର ଗଡ଼ ପର୍ବତ । ସୁଖ ଦେଖିଲା । ଦୁଃଖ ବି । ଏଇ ଭୀମ ଦାସ ମାନଙ୍କ ଶାବଳ ମାଡ଼, ହାତୁଡ଼ିର ନିର୍ମମ ପ୍ରହାର । ପାହାଡ଼ର ଛାତି ଫାଟି ଚୁକୁରା ଚୁକୁରା । ତା' ବୁକୁର ପଥର ଅକର୍ମା ଶିଳା । ଏବେ ପାଲଟିଛି ରୂପନଗରୀ ମଧୁପୁର ଗଡ଼ । ତଥାପି ପଥର କଟା ଚାଲିଛି । ଦୀର୍ଘ ଷାଠିଏ ବର୍ଷ । କେତେ ଗଡ଼ରେ ଜନ୍ମନେଲେ, କେତେ ବାହୁଡ଼ିଲେ । କେତେ ପଥର ଭିକାରି ସାଜିଲେ । ପେଟକୁ ମୁଠେ ଖାଇବାକୁ ନାହିଁ । ଅକାଳରେ ବାଟ କାଟିଲେ । ଭୀମ ଦାସ ସବୁ ଦେଖିଛି । ନିତି ପଥର କାଟୁଛି । ଏଣେ ରାଜଉଆସରେ ଘୋର ପରିବର୍ତ୍ତନ । ରାଜା ଆସି ରାଜା ଗଲେ । ବୁଢ଼ା ରାଜା ପରେ ଯୁବରାଜ ଗାଦିରେ ବସିଲେ । ପରିବର୍ତ୍ତନର ସୀମା ନାହିଁ । ଦିନେ ହେଲେ କେହି ପଚାରିଲେନି । ପାହାଡ଼ ଛାତିରେ କିଏ ଠକ୍ ଠକ୍ ହାତୁଡ଼ି ପିଟୁଛି ? ଦିନକର କଥା । ରାଜା ପହୁଡ଼ରେ । ପଥର କଟାର ନିର୍ମମ ଶବ୍ଦ । ନିଦ୍ରାରେ ବ୍ୟାଘାତ । ସଙ୍ଗେସଙ୍ଗେ ଆଦେଶ - ପଥର କଟା ଶବ୍ଦ ବନ୍ଦର । ବାହାରି ପଡ଼ିଲେ ପାଇକମାନେ । ନାଲି ପଗଡ଼ି ବନ୍ଧା, ହୁଦାପିନ୍ଧା ପାଇକ । ବନବାସୀ ଭୀମଦାସ ପିଠିରେ ଚାବୁକ ମାଡ଼ । କାମ ବନ୍ଦ ପାଇଁ କଠୋର ଆଦେଶ । ଦିନେ ନୁହେଁ, ଦି' ଦିନ ନୁହେଁ, ମାସ ମାସର କଥା । ଭୀମଦାସ ପଥର କାଟେ, ଚାବୁକ ଖାଏ । ଶବ୍ଦ ନିରବି ଯାଏ । ତା' ପରଦିନ ସେଇ ଏକା କଥା । ନଅର ଭିତରେ ପହୁଡ଼ ହୁଏ । ପର୍ବ ଭିତରେ ଶବ୍ଦ ହୁଏ । ମନା ବି ହୁଏ । ତଥାପି ପଥର କଟା ଚାଲେ । ପଥର କାଟିବା ଭୀମ ଦାସର ନିଶା । ନାଁ ସେ ଛାଡୁଛି ଗଡ଼ ପର୍ବତକୁ ନା ପର୍ବତ ତାକୁ ମୂର୍ଚ୍ଛି ପାରିଛି ।

ପଚାଶ ବର୍ଷ ପରେ । ଦିନକର ଘଟଣା । ବିଳାସୀ ରାଜା, ବାହାରିଲେ ପାରିଧିକି । ଦିନେ ଜଙ୍ଗଲ ଥିଲା ବାପାଙ୍କ ପାଇଁ ଦୁର୍ଭେଦ୍ୟ । ସେଦିନ ଟମକ ବାଜିଲା । ଗଛ ହଣା ହେଲା । ତା' ପରେ ରାଜା ପହଞ୍ଚିଲେ ଗଡ଼ ପର୍ବତ ପାଖରେ । ଏବେ ଜଙ୍ଗଲ ମୁଣ୍ଡ ଟେକିଲାଣି । ନାତିଙ୍କର ସେଇ ଜଙ୍ଗଲରେ ନିର୍ଭୟ ବିଚରଣ । ପର୍ବତ ଦେଖିଥିଲା ସେ ଦୃଶ୍ୟ - ଦେଖୁଛି ପୁଣି ଏ ଦୃଶ୍ୟ । ସେ ହସିଲା, କାନ୍ଦିଲା ବା କି ପ୍ରତିକ୍ରିୟା କଲା, ତାହା ଅଜଣା । ସାଇଁ ସାଇଁ ପବନ । ସଂସାରର ଗୋପନ କଥା, ସତେ ଯେମିତି ତା' ବୁକୁ ଭିତରେ ଶୁଣାଉଥିଲା ! ସେତେବେଳକୁ କିଛି ବାକି ନଥିଲା । ପର୍ବତର ଦିହଟା ସାରା ଗାତ । ଖୋଳି ଚାଲିଛି ଭୀମଦାସ । ଖାଲି ଗାତ ନୁହେଁ, ଗୁହା ପରେ ଗୁହା । କୁଞ୍ଜ ପରେ କୁଞ୍ଜ । ରାଜା ଚାଲିଛନ୍ତି । ଚଢ଼େଇ ଚିରିଗୁଣୀଙ୍କ ଦେଖା ନାହିଁ । କେବଳ ଶୁଭୁଥାଏ ଠକ୍-ଠକ୍-ଠକ୍ । ରାଜା ଶବ୍ଦକୁ ଅନୁସରଣ କଲେ । ନିଜ ଆଖିକୁ ବିଶ୍ୱାସ ହେଲାନି । ଗୋଟେ ବଡ଼ ପଥର ଗଦା । ତା' ପାଖରେ ଅଶୀ ବର୍ଷର ଅସ୍ଥି-ଚର୍ମର ଆଉ ଏକ ଗଦା ଥୁଆ ହେଇଛି ଭୀମ ଦାସ ଭୀମକର୍ମା ପରି । ଫଟେଇ ଚାଲିଛି ଗୋଟିକ ପରେ ଗୋଟିଏ ପଥର । ରାଜା ତା' ପଛରେ । ସେ ବୁଲି ଚାହିଁଲାନି, କଡ଼ ବୁଲି ପାଦଶବ୍ଦ କଲେ, ଟିକିଏ ହେଲେ ହଲଚଲ ହେଲାନି । ଆଗରେ ଆସି ଠିଆ ହେଲେ, ମୁଣ୍ଡ ଟେକି ଚାହିଁଲାନି । ରାଜା ଚିତ୍କାର କଲେ - ଏ ମଣିଷକୁ ପଥର କଲା କିଏ ? ପର୍ବତ ଗୁହାରେ ଖାଲି ପ୍ରତିଧ୍ୱନି - କିଏ-କିଏ-କିଏ ?

ରାଜା ମୁହଁ ଖୋଲିଲେ, କେତେ ପ୍ରଶ୍ନ ପଚାରିଲେ । ଭୀମଦାସର ଗୋଟିଏ ଉତ୍ତର - ପଥର କାଟୁଛି । ଏ ବୟସରେ ପଥର କାଟୁଛ ? କେତେ ବୟସ ? ଭୀମଦାସ କହିଲା ସେ ଜାଣେନି । ପାଖରେ ପାରିଷଦ ବର୍ଗ । ରାଜାଙ୍କ ଆଦେଶ ଭୀମଦାସକୁ ରାଜନଅର ନେଇଚାଲ । ରାଜ ଉଆସ । ଜାକଜମକ । ଆଖି ଝଲସା ରୂପ । ଭୀମଦାସ ପାଇଁ ଏଇ ରାଜ-ଉଆସ । ରାଜା ବୁଝିଲେ । ଏ ନଅର, ଭୀମଦାସର ଅବଦାନ । ଘରଟେ ବ୍ୟବସ୍ଥା ରାଜଉଆସ ଭିତରେ, ସବୁ ସୁବିଧା ଖଞ୍ଜି ଦିଆଗଲା । ନୂଆ ଲୁଗା ଖଟ, ମାଠ ତିଆରି ହେଲା । ଚାକର ବାକର, ବୋଲକରା ନିଯୁକ୍ତି ପାଇଲେ । ଭୀମ ଦାସଙ୍କୁ ଏବେ ରାଜସମ୍ମାନ । ସମସ୍ତେ ସମ୍ମାନ କଲେ । ଅହଙ୍କାରୀ ରାଜା, ମୁକ୍ତ କଣ୍ଠରେ ସ୍ୱୀକାର କଲେ - "ଏ ମଧୁପୁର ଗଡ଼ ତୁମରି ହାତରେ ତିଆରି । ତୁମେ ଏବେ ବିଶ୍ରାମ ନିଅ ।" ଭୀମଦାସ ବଲବଲ କରି ଚାହିଁଲା । ତା'ର ଗୋଟିଏ ଉତ୍ତର - "ପଥର କାହିଁ ?" ଭୀମଦାସର ପଳିତ କେଶ, ଗଳିତ ଦନ୍ତ । ଏବେ ସେ ବୃଦ୍ଧ । ରାଜାଙ୍କର ବୁଝେଇବାକୁ ଉପକ୍ରମ - "ପଥର ! ପଥର କ'ଣ କରିବ ? ଏଇ ଯେ ତୁମର ପଥର ଘର । ଆଉ ପଥର ଲୋଡ଼ା ନାହିଁ ।" ଭୀମଦାସ କିଛି ବୁଝିଲାନି । ଖାଲି ଭୋ ଭୋ କରି କାନ୍ଦିଲା । ଘର ପଥର ଚଟାଣକୁ କୁଣ୍ଢେଇ କାନ୍ଦିଲା - "ପଥର ! ପଥର !! ମୋ ପଥର !!!"

ରାତି ପାହିଲା । ଗଡ଼ରେ ଚହଳ । ଭୀମ ଦାସ ନାହିଁ, ରାଜ ଉଆସ ଛାଡ଼ି ପଳେଇ ଯାଇଛି । ରାଜା ଅବାକ୍, ଚାଲିଲେ ସେଇ ପଥର ଗୁହାଆଡ଼େ । ଏ ଗହ୍ୱର, ସେ କୁଞ୍ଜ, ଏ ତରୁତଳ, ସେ କନ୍ଦର । କେତେ ଖୋଜିଲେ । ଠାଏ ଦେଖିଲେ । ଭୀମଦାସ ତା'ର ପଥରକଟା ହତିଆର ସବୁ ସଜାଡୁଛି । ରାଜାଙ୍କୁ ଆଗରେ ଦେଖିଲା । ଚମକିଲା ନାହିଁ । ସମ୍ମାନ ଦେଖାଇଲାନି । କିଛି ସମୟ ଗଲା । ରାଜାଙ୍କର ସେଇ ଏକା ପ୍ରଶ୍ନ - ଏ ମଣିଷକୁ ପଥର କଲା କିଏ ? ପର୍ବତର ପାଦଦେଶରୁ ବୃଢ଼ା ଯାଏ, ପ୍ରଶ୍ନର ଏକା ଉତ୍ତର - କିଏ ? ରାଜା କିଂକର୍ତ୍ତବ୍ୟବିମୂଢ଼ । ତାଙ୍କ ପୂର୍ବପୁରୁଷଙ୍କ ଅତ୍ୟାଚାର ଚାକ୍ଷୁଷ ପ୍ରମାଣ ଏଇ ଭୀମଦାସ । ସେମାନଙ୍କ ଅମଣିଷ ପଣିଆର ଜୀଅନ୍ତା ସାକ୍ଷୀ ଏଇ ପଥର କଟାଳି । ପ୍ରତିଟି ପଥର ଖଣ୍ଡ, ପ୍ରତି ତରୁଲତା, ପତ୍ରପୁଷ୍ପ, ପ୍ରତି ଧୂଳିକଣା । ଏସବୁ ସେଦିନ ଯେମିତି ପରିହାସ କରୁଥିଲେ - କିଏ-କିଏ-କିଏ ? ରାଜା ବିହ୍ୱଳ । ସେ ପ୍ରତିଧ୍ୱନିର ଉତ୍ତର ଦେଲେ - "କିଏ ? ମୁଁ ରାଜା ।" ଏତେ ସମୟ ପରେ, ଭୀମଦାସ ରାଜାଙ୍କୁ କୁଣ୍ଢେଇ ପକେଇଲା । ସେଇ ଶୁଖିଲା ଆଖି, ହାଡୁଆ ମୁହଁ, ଶିରାଳ ହାତ । କହି ଚାଲିଲା - "ରାଜା ! ମୋ ରାଜା ! ଯେ ମତେ ପଥର କାଟିବାକୁ ଆଦେଶ ଦେଇଥିଲେ । ସେହି ମୋର ରାଜା ।" ଜୀବନ ସାରା ଦେଖି ନ ଥିଲା । ଶୁଣିଥିଲା ଗଡ଼ର ରାଜାଙ୍କ ନାଁ । ତାଙ୍କରି ଆଦେଶ ରାଜନଅର ତୋଳାହବ । ବାସ୍ ଏତିକି । ରାଜା ପରା ତା' ପ୍ରଭୁ । ଈଶ୍ୱର ! ଅନ୍ନଦାତା ! ତାଙ୍କୁ ଜାବୁଡ଼ି ଧରିଛି, ଚିତ୍କାର କରୁଛି - 'ରାଜା ! ରାଜା ! ରାଜା !" ପର୍ବତର ପ୍ରତିଧ୍ୱନି - "ହବା-ହବା-ଆ" । ଏ ଥିଲା ରାଜାଙ୍କ ପ୍ରଶ୍ନର ଯଥାର୍ଥ ଉତ୍ତର । ଗଡ଼ ପର୍ବତର ବିଦ୍ରୂପ ରାଜାଙ୍କୁ, ରାଜ ତନ୍ତ୍ରକୁ ।

ରାଜତନ୍ତ୍ର ଏକଛତ୍ରବାଦୀ ଶାସନର ନମୁନା । ରାଜା ଶୋଷକ, ଲୁଣ୍ଠନକାରୀ । ପ୍ରଜାମାନେ ଅନୁଗତ । ପ୍ରଭୁଭକ୍ତ । ମୂଲିଆଟି ସାହା ରାହା ବିହୀନ । ନ ଥିଲେ କମ୍ରେଡ଼ ଅବା ଏକ୍‌ଜୁଟ ହେବାର ଜୁ । ତଥାପି ଅନ୍ତର ଭିତରେ ପ୍ରତିକ୍ରିୟାର ଦାବ ଦହନ । ଦିନେ ଦାହିକାର ରୂପ ନେଲା । ୧୭୮୯ ମସିହାର ଫରାସୀ ରାଷ୍ଟ୍ର ବିପ୍ଳବ । ନିଦରବ ପ୍ରଜାକୁଳ । ବିଳାସୀ ଫ୍ରାନ୍‌ସର ଶାସକ । ବିପ୍ଳବ ମୁଣ୍ଡ ଟେକିଲା । ଗିଲୋଟିନିର ଯୂପକାଠ । ବଳି ପଡ଼ିଲେ 'ଲୁଇ ରାଜବଂଶ' । ବିଲୋପ ହେଲା ରାଜତନ୍ତ୍ର । ଆରମ୍ଭ ହେଲା ଗଣତନ୍ତ୍ରର ନବ ସୂର୍ଯ୍ୟୋଦୟ । ମାତ୍ର ଏଇ ଭୀମଦାସ ପରି ଶହ ଶହ ମୂଲିଆ, ମେହେନତୀ ମଣିଷ, ନିତି ପଥର କଟାଳି । ସହି ସହି ପଥର ହେଇଗଲେ । ବିରୋଧ କଲେନି । ଅପରିପକ୍ୱ ସମୟ । ରାଜାଙ୍କୁ ବିରୋଧ, ମୁଣ୍ଡକାଟ ଶାସ୍ତି । ସବୁ ରାଜାତନ୍ତ୍ରରେ କଳଙ୍କର ଛିଟା । କିନ୍ତୁ ସବୁ ରାଜା କଳଙ୍କିତ ଅବା ସ୍ୱେଚ୍ଛାଚାରୀ ନଥିଲେ । ପୁରାଣଯୁଗର 'ରାମରାଜ୍ୟ' ପ୍ରସଙ୍ଗ । ପ୍ରଜାନୁରଞ୍ଜକ ରାଜା । ଏବେବି ରାମରାଜ୍ୟର ସ୍ୱପ୍ନ । ମାତ୍ର ବଦଳିନି ଶୋଷକ । ତା'ର ଏବେ ନୂଆ ରୂପ, ଭେକ । ନିତ୍ୟ ନୂତନ ଶୋଷ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨ ସେପ୍ଟେମ୍ବର ୨୦୨୪ ସୋମବାର

କେନ୍ଦୁଝର: ରକ୍ଷଣା ବେକ୍ଷଣ ଅଭାବରୁ ରାଜା ରାଜୁଡ଼ା ଅମଳର ପାଓ୍ୱାର ହାଉସ୍ ପୋଖରୀର ଦୟନୀୟ ଅବସ୍ଥା

ଗୀତା ଶ୍ଳୋକ ଆବୃତି ଓ ଚିତ୍ରକଳା ପ୍ରତଯୋଗିତାରେ ଆଟୋପୁର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ (ଫଟୋ: ସୁରଜିତ ନ୍ୟୁଜ୍)

ଶିଳ୍ପ ସଂସ୍ଥା ବୃଦ୍ଧି ଯୋଗୁଁ ତାଳଚେର ଅଞ୍ଚଳରେ ବାୟୁ ଓ ଜଳ ପ୍ରଦୂଷିତ

ତାଳଚେର, ନ୍ୟୁଜ୍ ବ୍ୟୁରୋ

ପ୍ରଦୂଷଣ ବିଷ ବଳୟ ମଧ୍ୟରେ ରହିଛି ତାଳଚେର । ଶିଳ୍ପାଞ୍ଚଳ ତାଳଚେର ଓ ଏହାର ଆଖପାଖ ଅଞ୍ଚଳରେ ଶିଳ୍ପସଂସ୍ଥା ସଂଖ୍ୟା ବୃଦ୍ଧି ଯୋଗୁଁ ଏପରି ସାଂଘାତିକ ପରିସ୍ଥିତି ସୃଷ୍ଟି ହୋଇଛି । ତାଳଚେରରୁ ପ୍ରାୟ ୩୦ କିଲୋମିଟର ଅଞ୍ଚଳ ପର୍ଯ୍ୟନ୍ତ ଜଳ ଓ ବାୟୁ ପ୍ରଦୂଷଣ ହେବା ଫଳରେ ମଣିଷ ଠାରୁ ଆରମ୍ଭ କରି ପଶୁପକ୍ଷୀ ପ୍ରଭାବିତ ହେଉଛନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ ନନେଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ ବୋଲି କୁହାଯାଉଛି । ଅନୁଗୁଳ ଜିଲ୍ଲାର ଶିଳ୍ପନଗରୀ ତଥା କଳାହୀରା ସହର ତାଳଚେରରେ ୯ଟି କୋଇଲା ଖଣି ରହିଛି । ଏଥିସହିତ ୬ଟି ସାଇଲୋ ଏବଂ ୫ଟି କୋଲ ଶ୍ୱାସରି କାମ କରୁଛି । କେବଳ ସେତିକି ନୁହେଁ, ଏନ୍‌ଟିପିସି, ଟିପିଏସ୍ ଏଫ୍‌ସିଆଇରେ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ଶିଳ୍ପ ସଂସ୍ଥାଗୁଡ଼ିକୁ ପ୍ରତିଦିନ ହଜାର ହଜାର ଟ୍ରକ୍‌ରେ ଓ ରେଳ ଯୋଗେ କୋଇଲା ପରିବହନ ହେଉଛି । ତାଳଚେରରେ ଥିବା ସାଇଲେ ଏବଂ କୋଇଲା ଡିପୋ ଗୁଡ଼ିକରୁ ମଧ୍ୟ ହଜାର ହଜାର ସଂଖ୍ୟାରେ ଟ୍ରକ୍ ଯାତାୟାତ କରୁଛି । ଫଳରେ କୋଇଲାଗୁଣ୍ଡ, କାରଖାନା ଗୁଡ଼ିକରୁ ନିର୍ଗତ ଧୂଆଁ ଓ ବର୍ଜ୍ୟବସ୍ତୁ ପାଣି ଓ ପବନରେ ମିଶୁଛି । ପ୍ରଦୂଷଣ ଫଳରେ ମଣିଷ, ପଶୁପକ୍ଷୀ ଆଦି ପ୍ରଭାବିତ ହେଉଛନ୍ତି । ତାଳଚେର ତଥା ଏହାର ଆଖପାଖ ଅଞ୍ଚଳରେ କ୍ୟାନ୍ସର, କିଡ୍‌ନୀ ଓ ଚର୍ମରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଧୂଆଁ ଓ କୋଇଲା ଗୁଣ୍ଡ ଉଡ଼ିବା ଯୋଗୁଁ ଆଖପାଖ ଅଞ୍ଚଳରେ ଗଛଲତାର ପତ୍ର ଉପରେ କଳାରଙ୍ଗର ଆସ୍ତରଣ ଜମୁଛି । ତାଳଚେର ଓ ଏହାର ଆଖପାଖ ଅଞ୍ଚଳର ପ୍ରଦୂଷଣକୁ ନେଇ ପରିବେଶବିତ୍‌ମାନେ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମ ଅନୁଯାୟୀ, ୬୦ରୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରଦୂଷଣ ରହିଲେ ତାହାକୁ ସାଂଘାତିକ ପ୍ରଦୂଷିତ ଅଞ୍ଚଳ ଏବଂ ଏହାଠାରୁ ଅଧିକ ହେଲେ ତାହା ଜଟିଳ ପ୍ରଦୂଷିତ ଅଞ୍ଚଳ ଭାବେ ବିବେଚନା କରାଯାଇଥାଏ । ତାଳଚେରରେ ପ୍ରଦୂଷଣ ମାରାତ୍ମକ ହୋଇଥିବା ବେଳେ ଏହା ଅତ୍ୟଧିକ ପ୍ରଦୂଷିତ ଅଞ୍ଚଳ ମଧ୍ୟରେ ରହିଛି । ଶିଳ୍ପ ସଂସ୍ଥାରେ ପ୍ରଦୂଷଣ ମାତ୍ରା ଯାଞ୍ଚ କରିବା ପାଇଁ ଅନ୍‌ଲାଇନ୍ ଏୟାର ଅମ୍ବିଏଣ୍ଟ ମନିଟରିଂ ସିଷ୍ଟମ୍ ଲଗାଇବା ସୁନିଶ୍ଚିତ କରାଯାଇଛି । ମାତ୍ର କିଛି ଶିଳ୍ପସଂସ୍ଥା କାରଖାନା ଠାରୁ ଟିକେ ଦୂରରେ ଏହାକୁ ଲଗାଇଛନ୍ତି । ଏ ସମ୍ପର୍କରେ ଅନୁଗୁଳ ସ୍ଥିତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶ କୁମାର ଏକ୍କାଙ୍କୁ ପଚାରିବାରୁ ସେ କହିଥିଲେ, ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିୟମିତ ଭାବେ ଯାଞ୍ଚ କରାଯାଉଛି । ଜଳ ପ୍ରଦୂଷଣ କମାଇବା ପାଇଁ ଶିଳ୍ପସଂସ୍ଥାମାନେ ଟ୍ରିମେଣ୍ଟ ପ୍ଲାଣ୍ଟ କରି ପାଣି ବ୍ୟବହାର କରୁଛନ୍ତି । ତାଳଚେର ଅଞ୍ଚଳର ଜଳ, ବାୟୁ ପ୍ରଦୂଷଣ କମ୍ କରିବାକୁ ଉଦ୍ୟମ କରୁଛୁ ବୋଲି ଶ୍ରୀ ଏକ୍କା କହିଛନ୍ତି ।

ଖୋର୍ଦ୍ଧା ବନଖଣ୍ଡରେ ଜଙ୍ଗଲ ସୃଷ୍ଟି ପାଇଁ ଜମି ନାହିଁ

ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ

ଜଙ୍ଗଲ ସୃଷ୍ଟି ଓ ବୃକ୍ଷ ରୋପଣ ପାଇଁ ଜାଗା ନାହିଁ । ଖୋର୍ଦ୍ଧା ବନଖଣ୍ଡକୁ ଜମି ସଂକଟ ବୋଲି ବନଖଣ୍ଡର ପ୍ରାୟ ଅଧା ରେଞ୍ଜରେ ଚଳିତବର୍ଷ ବୃକ୍ଷ ରୋପଣ ଶୂନ୍ ହୋଇଛି । ସରକାରଙ୍କ କାମ୍ପା ଟାର୍ଗେଟ୍‌ରେ ଖୋର୍ଦ୍ଧା ବନଖଣ୍ଡ ଏଥର ଅପୂର୍ଣ୍ଣ ରହିଛି । ଏବେଠୁ ଜଙ୍ଗଲ ସୃଷ୍ଟି ବାଟରେ ଜମି ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ଆଗକୁ ଖୋର୍ଦ୍ଧା ବନଖଣ୍ଡର ଅନ୍ୟ ରେଞ୍ଜରେ ବି ସମାନ ସମସ୍ୟା ଘନେଇବା ଏକ ପ୍ରକାର ଥୟ ହୋଇଛି । ତଥ୍ୟ ମୁତାବକ, ଖୋର୍ଦ୍ଧା ବନଖଣ୍ଡ ଏପାଖରେ ନୟାଗଡ଼ ଜିଲ୍ଲାର ରଣପୁର ଠାରୁ ସେପାଖରେ ପୁରୀ ଜିଲ୍ଲାର ଡେଲାଙ୍ଗ ରେଞ୍ଜ ଯାଏ ପରିବ୍ୟାପ୍ତ । ପ୍ରତ୍ୟେକ ବର୍ଷ ବନଖଣ୍ଡକୁ କାମ୍ପା ପାଣ୍ଠିରୁ ଏଆର୍, ଏଏନ୍‌ଆର ପ୍ରକଳ୍ପରୁ ଆରମ୍ଭ କରି ଅର୍ବାନ୍ ପ୍ଲାଣ୍ଟେସନ୍, ସିଏ ଏବଂ ଆଭେନ୍ୟୁ ପ୍ଲାଣ୍ଟେସନ୍ (ପଥ ପାର୍ଶ୍ୱ ବନୀକରଣ) ଯାଏ ବୃକ୍ଷ ରୋପଣ ପାଣ୍ଠି ଆସେ । କିନ୍ତୁ, ବାଲୁଗାଁ ରେଞ୍ଜ ଏଥର ବୃକ୍ଷ ରୋପଣ ଶୂନ୍ କରିଦେଇଛି । ତା'ର ଏକ ମାତ୍ର କାରଣ ହେଉଛି, ବାଲୁଗାଁ ରେଞ୍ଜରେ ଗଛ ଲଗାଇବାକୁ କୁଆଡ଼େ ଜମିନାହିଁ । ବାଲୁଗାଁ ରେଞ୍ଜର ପ୍ରତାପ ମହାନ୍ତିଙ୍କ କହିବା ମୁତାବକ, ବାଲୁଗାଁ ରେଞ୍ଜର ଯେଉଁ ସବୁ ଜାଗା ଅଛି, ସବୁଠି ଗଛ ଅଛି । ଜଙ୍ଗଲ ଅଞ୍ଚଳରେ ବାଲୁଗାଁ ରେଞ୍ଜ ପୂରା ପରିପୂର୍ଣ୍ଣ । ସେଥିପାଇଁ ଆମେ ଏଥର ଗଛ ଲଗାଇବାକୁ ମନା କରି ଦେଇଛୁ । ଆମ ରେଞ୍ଜରେ ଗୋଟିଏ ହେଲେ ଗଛ ଲଗାଯାଇନାହିଁ । ସମାନ ସମସ୍ୟା ରହିଛି ଖୋର୍ଦ୍ଧା ବନଖଣ୍ଡ ଅଧିନସ୍ଥ ରଣପୁର ରେଞ୍ଜରେ । ନୟାଗଡ଼ ଜିଲ୍ଲାର ରଣପୁର ବନାଞ୍ଚଳରେ ଏଥର ଗୋଟିଏ ବି ବୃକ୍ଷ ରୋପଣ ହୋଇନାହିଁ । ଜାଗା ସମସ୍ୟା ଦର୍ଶାଇ ବୃକ୍ଷ ରୋପଣରୁ ରଣପୁର ବନାଞ୍ଚଳ ଏଥର ଓହରିଯାଇଛି । ପୁରୀ ଜିଲ୍ଲା ଡେଲାଙ୍ଗ ରେଞ୍ଜ ବୃକ୍ଷ ରୋପଣରୁ ମୁହଁ ମୋଡିଛି । କାମ୍ପା ପାଣ୍ଠିରୁ ଯେଉଁଠି ହଜାର ହଜାର ବୃକ୍ଷରୋପଣ କରାଯିବା କଥା, ସେଠି ଡେଲଙ୍ଗ ରେଞ୍ଜ ଅଳ୍ପ କିଛି ପଥପାର୍ଶ୍ୱ ବନିକରଣରେ ନିଜକୁ ସୀମିତ କରିଛି । ବୃକ୍ଷ ରୋପଣ ପାଇଁ କୁଆଡ଼େ ଜମି ନାହିଁ ବୋଲି ବିଭାଗ ଦର୍ଶାଇଛନ୍ତି । ମୋଟ ଉପରେ କହିବାକୁ ଗଲେ, ଖୋର୍ଦ୍ଧା ବନଖଣ୍ଡର ଉପରୋକ୍ତ ତିନି ଗୋଟି ରେଞ୍ଜରେ ବୃକ୍ଷ ରୋପଣ ହୋଇନାହିଁ । ସାଂଘାତିକ ସମସ୍ୟା ଉପୁଜିଛି । ଟାଙ୍ଗୀ ରେଞ୍ଜରେ କାମ୍ପା ପାଣ୍ଠିରୁ ବେଗୁନିଆ ବ୍ଲକ ଜଳଭରରେ ୧୬ ହଜାର ବୃକ୍ଷ ରୋପଣ କରିବାକୁ ଅଣ୍ଟା ଭିଡିଥିଲା, କିନ୍ତୁ ଜମି ସମସ୍ୟା ଯୋଗୁ ସେଠି ୧୧ ହଜାର ବୃକ୍ଷ ରୋପଣ ହୋଇପାରିନାହିଁ । ଲୋକଙ୍କ କହିବା ମୁତାବକ, ଏହି ଜାଗା ବର୍ତ୍ତମାନ କାଜୁ ଗଛରେ ଭର୍ତ୍ତି ହୋଇଛି । ବନ ବିଭାଗ କାଜୁ ଜଙ୍ଗଲକୁ କାଟି ତା'ଉପରେ ବୃକ୍ଷ ରୋପଣ କରିବାକୁ ଅଣ୍ଟା ଭିଡ଼ିଛି । ଯାହାକୁ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି । ଏ ସମ୍ପର୍କରେ ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ କହିଛନ୍ତି, ଖୋର୍ଦ୍ଧା ବନଖଣ୍ଡରେ ବୃକ୍ଷ ରୋପଣ କରିବାକୁ ଜାଗା ମିଳୁନାହିଁ । ସେଥିପାଇଁ ସମସ୍ୟା ଉପୁଜିଛି ବୋଲି ସେ କହିଛନ୍ତି ।

ବିଦ୍ୟାପୀଠରେ ଶିକ୍ଷକ ଅଭାବ:ପାଠପଢା ବାଧାପ୍ରାପ୍ତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ପଟ୍ଟମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଚନ୍ଦନ ନଗରରେ ଥିବା ପଦ୍ମଲୋଚନ ନୋଡାଲ ବିଦ୍ୟାପୀଠରେ ଶିକ୍ଷକ ଅଭାବ ଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଛି । ଏନେଇ ସ୍କୁଲ କମିଟିର ସଦସ୍ୟ ଏବଂ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ସହିତ ଶିକ୍ଷକ ନିଯୁକ୍ତି ଦେବାପାଇଁ ଦାବି କରିଛନ୍ତି । ୧ ରୁ ୮ ପ୍ରାଇମେରୀ ବିଦ୍ୟାପୀଠରେ ୨୬୩ ଜଣ ଛାତ୍ରଛାତ୍ରୀ ଥିବାବେଳେ ୮ ଜଣ ଶିକ୍ଷକଙ୍କ ଆବଶ୍ୟକ ରହିଛି । ମାତ୍ର ୪ ଜଣ ଶିକ୍ଷକ ଥିବାସ୍ଥଳେ ସେମାନଙ୍କୁ ମଧ୍ୟ ଡେପୁଟେସନ୍‌ରେ ପଠାଇଥିବା ସ୍କୁଲ୍ କମିଟି ସଦସ୍ୟ ଓ ଅଭିଭାବକମାନେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛନ୍ତି । ଡେପୁଟେସନ୍‌ରେ ଯାଇଥିବା ଶିକ୍ଷକ ମାନେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ସେହି ଡେପୁଟେସନ୍ କାର୍ଯ୍ୟାଳୟରେ ନିୟମିତ କରାଇ ନେଇଛନ୍ତି । ଯାହାଫଳରେ ପଦ୍ମଲୋଚନ ବିଦ୍ୟାପୀଠରେ ପାଠପଢା ଠପ୍ ହୋଇଯାଇଛି । ତୁରନ୍ତ ଶିକ୍ଷକ ନିଯୁକ୍ତି ଦେବାପାଇଁ ସ୍କୁଲ୍ କମିଟିର ଅଧ୍ୟକ୍ଷ ନିରଞ୍ଜନ ଶତପଥୀଙ୍କ ସମେତ ଅନ୍ୟ ସଦସ୍ୟ/ସଦସ୍ୟା ଓ ଅଭିଭାବକ ମାନେ ଦାବି କରିଛନ୍ତି ।

କୌଶଳ ରଥର ଶୁଭାରମ୍ଭ କଲେ ଜିଲ୍ଲାପାଳ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୪ ଦିନିଆ ଜିଲ୍ଲା ପରିକ୍ରମା ପାଇଁ କୌଶଳ ରଥର ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା । ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ କୌଶଳ ରଥର ଶୁଭାରମ୍ଭ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ । ଏହି ରଥ ୩୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୩ ଗୋଟି ବ୍ଲକର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକ ପରିକ୍ରମା କରି ଯୁବଗୋଷ୍ଠୀଙ୍କ ଦକ୍ଷତା ବିକାଶ ପାଇଁ ସଚେତନତା ସୃଷ୍ଟି କରିଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଅଜୟ କୁମାର , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତଥିଲେ ।

କେନ୍ଦୁଝର ଜିଲ୍ଲାରେ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ନିମନ୍ତେ ଜିଲ୍ଲାପାଳଙ୍କ ସମୀକ୍ଷା

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଧା ଗୋସ୍ୱାମୀଙ୍କ ସମେତ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ଏହି ଯୋଜନା ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ

ଏହି ଯୋଜନା ସମ୍ପର୍କରେ ପ୍ରଥମେ ଭଲଭାବେ ବୁଝି ଲୋକଙ୍କୁ ପର୍ଯ୍ୟାପ୍ତ ସଚେତନ କରି ଏହି ଯୋଜନାର ସଫଳ ରୂପାୟନ ନେଇ ଜିଲ୍ଲାପାଳ ସମସ୍ତ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ହିତାଧିକାରୀମାନେ ଯେପରି ସଠିକ୍ ସୂଚନା ପାଇବେ ଏବଂ ଆବେଦନ କରିପାରିବେ, ସେଥିପାଇଁ ସମସ୍ତ ଆବଶ୍ୟକ ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଯେପରି ଏହି ଯୋଜନା ଅଧିନରେ ଆସୁଥିବା କୌଣସି ହିତାଧିକାରୀ ସୁବିଧାରୁ ବାଦ୍ ନପଡିବେ, ସେଥିପ୍ରତି ଯତ୍ନବାନ ହେବାକୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ । ଯୋଜନା ଅନୁସାରେ ପ୍ରତ୍ୟେକ ହିତାଧିକାରୀ ୫୦,୦୦୦ ଟଙ୍କାର ସହାୟତା ରାଶି ପାଇବେ । ପ୍ରତି ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ ଏବଂ ରାକ୍ଷୀ ପୂର୍ଣ୍ଣିମା ଦିନ ଦୁଇଟି କିସ୍ତିରେ ପାଞ୍ଚ ପାଞ୍ଚ ହଜାର ହିସାବରେ ୧୦ ହଜାର କରି ୫ ବର୍ଷରେ ୫୦ ହଜାର ଟଙ୍କା ପାଇବେ । ହିତାଧିକାରୀ ମାନଙ୍କ ବୟସ ୨୧ ବର୍ଷ ବା ତତୁର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ୍ ହେଉଥିବ । ଆଧାର କାର୍ଡରେ ଉଲ୍ଲିଖିତ ବୟସ ଓ ଜନ୍ମ ତାରିଖ ବିଚାରକୁ ନିଆଯିବ । ଯୋଜନା ସମ୍ପର୍କରେ ଏବଂ କେଉଁମାନେ ଏହି ଯୋଜନା ଅଧିନରେ ସହାୟତା ପାଇବାକୁ ଯୋଗ୍ୟ ଓ କେଉଁମାନେ ବାଦ୍ ପଡୁଛନ୍ତି ସେ ସମ୍ପର୍କରେ ବିଶଦ ମାର୍ଗଦର୍ଶିକା ବିଷୟରେ ଅତିରିକ୍ତ ଜିଲ୍ଲାପାଳ ଆଲୋଚନା କରିଥିଲେ । ସୁଭଦ୍ରା ଯୋଜନା ହିତାଧିକାରୀଙ୍କ ପାଇଁ ଦରଖାସ୍ତ ଫର୍ମ ଅଙ୍ଗନବାଡି କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, ସାଧାରଣ ସେବା କେନ୍ଦ୍ର ଏବଂ ମୋ ସେବା କେନ୍ଦ୍ରରେ ବଣ୍ଟନ କରାଯିବ । ସାଧାରଣ ସେବା କେନ୍ଦ୍ର ଏବଂ ମୋ ସେବା କେନ୍ଦ୍ରରେ ଫର୍ମ ଦାଖଲ ହେବ ଏବଂ ସେଠାରେ ଏହାର ଡିଜିଟାଇଜେସନ୍ ହେବ ଓ ଆବେଦନକାରୀ ମାନଙ୍କୁ ଫର୍ମ ଦାଖଲର ପ୍ରମାଣ ସ୍ୱୀକୃତିର ପ୍ରିଣ୍ଟ ମିଳିବ । ଆବେଦନକାରୀଙ୍କୁ କୌଣସି ସ୍ତରରେ ଏଥିପାଇଁ କୌଣସି ଦେୟ ଦେବାକୁ ପଡିବନାହିଁ ।

ରାଜଧାନୀରେ ଦେଢ଼ ବର୍ଷରେ ୬,୯୪୧ କୁକୁରଙ୍କ ବନ୍ଧ୍ୟାକରଣ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ରାଜଧାନୀରେ ବୁଲା କୁକୁର ମାନଙ୍କ ସଂଖ୍ୟା ହ୍ରାସ କରିବାକୁ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ କରାଯାଉଛି । ଏଥିପାଇଁ ୨୦୧୯ରୁ ୨୦୨୪ ମଧ୍ୟରେ ସମୁଦାୟ ୧ କୋଟି ୮୭ ଲକ୍ଷ ୧୨ ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି ଓ ୨୦୨୨ ନଭେମ୍ବର ୧୬ରୁ ୨୦୨୪ ଏପ୍ରିଲ ୨୧ ମଧ୍ୟରେ ବିଏମ୍‌ସି ଦ୍ୱାରା ୬,୯୪୧ଟି କୁକୁରଙ୍କର ବନ୍ଧ୍ୟାକରଣ ହୋଇଛି । ମଧ୍ୟ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଏକ ପ୍ରଶ୍ନର ଉତ୍ତରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବିଧାନସଭାରେ ଉତ୍ତର ରଖିଛନ୍ତି । ମଧ୍ୟ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀରେ ବୃକ୍ଷ ରୋପଣ ସମ୍ପର୍କିତ ଏକ ପ୍ରଶ୍ନରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ଯେ ୨୦୨୩-୨୪ ଅର୍ଥିକ ବର୍ଷରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୯, ୨୮, ୩୨, ୩୩ ୩୪, ୩୬, ୩୭, ୩୮ ଓ ୪୩ ନମ୍ବର ୱାର୍ଡରେ ୧୨୪୮ଟି ଚାରା ଲଗାଯାଇଛି । ଏଥିପାଇଁ ବିଏମ୍‌ସି ପକ୍ଷରୁ କୌଣସି ଅର୍ଥ ଖର୍ଚ୍ଚ ହୋଇନାହିଁ । ତା' ମଧ୍ୟରୁ କେତେ ବଞ୍ଚିଛି ତାହାର ସର୍ଭେ ଚାଲିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଏବେ ମୁଦ୍ଧା ନିର୍ବାଚନ ମଣ୍ଡଳୀରେ ୫୫୮ଟି ଚାରା ଲାଗିଛି ଏବଂ ସମସ୍ତ ଚାରା ବଞ୍ଚିଛି । ଚାରା ଜଗାରଖାରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ କୌଣସି ଅର୍ଥ ବ୍ୟୟ କରାଯାଇନାହିଁ । ଚାରା ରୋପଣ ଓ ଏହାର ରକ୍ଷଣାବେକ୍ଷଣ ବାବଦରେ ୨୦୨୩-୨୪ ଆର୍ଥିକ ବର୍ଷରେ ୨ କୋଟି ୯୪ ଲକ୍ଷ ୭୦ ହଜାର ୭୪୬ ଏବଂ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବଜେଟ୍‌ରେ ୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଥିବା ସେ କହିଛନ୍ତି ।

ପଶ୍ଚିମ ଓଡ଼ିଶାରେ ଝାଡ଼ାବାନ୍ତି ବ୍ୟାପୁଛି

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ପଶ୍ଚିମ ଓଡ଼ିଶାର ୫ ପ୍ରମୁଖ ଜିଲ୍ଲା ସମ୍ବଲପୁର, ବରଗଡ଼, ବଲାଙ୍ଗିର, ସୋନପୁର ଓ ସୁନ୍ଦରଗଡ଼ର ଅନେକ ସ୍ଥାନରେ ଝାଡ଼ାବାନ୍ତିର ପ୍ରକୋପ ଲାଗି ରହିଛି । ଗୋଟିଏ ସ୍ଥାନରେ ସ୍ଥିତି ନିୟନ୍ତ୍ରଣକୁ ନ ଆସୁଣୁ ଅନ୍ୟ ସ୍ଥାନରେ ଝାଡ଼ାବାନ୍ତି ଆରମ୍ଭ ହୋଇଯାଉଛି । ଗତ ଦୁଇ ଦଶନ୍ଧିରେ ଏଭଳି ସ୍ଥିତି କେବେ ଉପୁଜିନଥିଲା । ୮ ମାସରେ ଏହି ୫ ଜିଲ୍ଲାର ଅତି କମ୍‌ରେ ୪୯୬ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି ଓ ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କ ମୃତ୍ୟୁ ହୋଇଛି । ଡାକ୍ତରମାନେ ଏହି ସବୁ ଘଟଣାରେ ଦୂଷିତ ପିଇବା ପାଣିକୁ ଦାୟୀ କରୁଥିବାରୁ ସ୍ୱାସ୍ଥ୍ୟ ବିଭାଗ ଏହାର ମୂଳ କାରଣ ଖୋଜି ପ୍ରତିକାର ବ୍ୟବସ୍ଥା କରିବା ଜରୁରୀ ମନେ କରାଯାଉଛି । ଝାଡ଼ାବାନ୍ତିରେ ବେଶୀ ପ୍ରଭାବିତ ହୋଇଛି ବଲାଙ୍ଗିର ଜିଲ୍ଲାର ଗୁଡ଼ଭେଲା ବ୍ଲକ । ନୂଆପଡ଼ା ଗାଁର ୫୫ରୁ ଅଧିକ ବ୍ୟକ୍ତି ଏବେ ଝାଡ଼ାବାନ୍ତିରେ ଆକ୍ରାନ୍ତ । ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଗାଁକୁ ଯେଉଁ ଟାଙ୍କିରୁ ଜଳଯୋଗାଣ ହେଉଛି ତା ଚାରିପଟେ ନର୍ଦ

୧୦୦ ମିଟର ଜାତୀୟ ଦୌଡ଼ରେ ସ୍ୱର୍ଣ୍ଣ ଜିତିଲେ କଳାହାଣ୍ଡି ପୁଅ

ଲାଞ୍ଜିଗଡ଼

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଆଶ୍ରମପଡ଼ାର ଲାଲୁ ପ୍ରସାଦ ଭୋଇ ବେଙ୍ଗାଲୁରୁରେ ଅନୁଷ୍ଠିତ ୧୦୦ ମିଟର ଜାତୀୟ ମୁକ୍ତ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏହି କୀର୍ତ୍ତିମାନ ସ୍ଥାପନ ପାଇଁ ସେ ୧୦. ୪୬ ସେକେଣ୍ଡ ସମୟ ନେଇଥିଲେ । ପଙ୍କରୁ ପଦ୍ମ ଫୁଟିବା ପରି ଗରିବ ପରିବାରର ଲାଲୁଙ୍କ ସଫଳତା ଲାଞ୍ଜିଗଡ଼ ଅଞ୍ଚଳର ଗୌରବକୁ ବହୁଗୁଣିତ କରିପାରିଛି । ତାଙ୍କର ସଫଳତାକୁ ନେଇ ଲାଞ୍ଜିଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟ ଅଧ୍ୟକ୍ଷ ନିହାରକାନ୍ତ ବିଶ୍ୱାଳ, ଡ. ମାନସ ରଞ୍ଜନ ରଥ, ଅଧ୍ୟାପକ ବିକ୍ରମ ସ୍ୱାଇଁ, କାଶୀ ବିଶ୍ୱନାଥ ରଣସିଂହ, ଦିଲ୍ଲୀପ କୁମାର ମହନ୍ତ, ଉମାକାନ୍ତ ବେଣୁପାଣି ପ୍ରମୁଖ ଲାଲୁଙ୍କ କୃତିତ୍ୱ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଅତୀତରେ ଲାଲୁ ଏହି ବିଦ୍ୟାଳୟରୁ ତାଙ୍କର ଜୟଯାତ୍ରା ଆରମ୍ଭ କରିଥିଲେ । ଏହି ସଭାରେ ଲାଲୁଙ୍କ ବାପା କାର୍ତ୍ତିକ ଚନ୍ଦ୍ର ଭୋଇ ଓ ମା' ଗୋଲାପି ଭୋଇ ମଧ୍ୟ ଉପସ୍ଥିତ ଥିଲେ । ସେମାନେ ପୁଅର ସଫଳତାରେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି ।

ପାରାଲିମ୍ପିକ୍ସ ୨୦୨୪: ସେମି ଫାଇନାଲରେ ପ୍ରବେଶ କଲେ ସୁହାସ, ସୁକାନ୍ତ

ପ୍ୟାରିସ୍

ପ୍ୟାରିସ୍‌ରେ ଚାଲିଥିବା ପାରାଲିମ୍ପିକ୍ସ ୨୦୨୪ରେ ଭାରତ ପାଇଁ ଏକ ପଦକ ପକ୍କା କରିଛନ୍ତି ପାରା ସଟଲର ସୁହାସ ୟଥିରାଜ ଓ ସୁକାନ୍ତ କଦମ । ଉଭୟ ଖେଳାଳି ଏସ୍‌ଏଲ୍-୪ ଇଭେଣ୍ଟର ସେମି ଫାଇନାଲରେ ପ୍ରବେଶ କରିଥିବା ବେଳେ ଭାରତ ଅନ୍ୟୂନ ଗୋଟିଏ ପଦକ ଜିତିବା ନିଶ୍ଚିତ ହୋଇଛି । ଉଭୟ ଖେଳାଳି ନିଜ ନିଜ ଗ୍ରୁପ୍‌ରେ ଦୁଇଟି ଲେଖାଏଁ ମ୍ୟାଚ୍ ଜିତି ସେମି ଫାଇନାଲରେ ପ୍ରବେଶ କରିଛନ୍ତି । ଟପ୍‌ସିଡ୍ ସୁହାସ ଗ୍ରୁପ୍ ବି'ରେ ସ୍ଥାନ ପାଇଥିବା ବେଳେ ଉଭୟ ମ୍ୟାଚ୍‌ରେ ଯଥାକ୍ରମେ ଥାଇଲାଣ୍ଡର ସିରିପୋଙ୍ଗ ଟେମାରୋମ୍ ଓ ମାଲେସିଆର ଅମିନ ମହମ୍ମଦ ବୁରହାନୁଦ୍ଦିନଙ୍କୁ ପରାସ୍ତ କରିଥିଲେ । ଅନ୍ୟତମ ଭାରତୀୟ ସୁକାନ୍ତ କଦମ ଯଥାକ୍ରମେ ଇଣ୍ଡୋନେସିଆର ହିକମତ ରାମଦିନି ଓ କୋରିଆର କ୍ୟୁଙ୍ଗ ଶିନଙ୍କୁ ପରାସ୍ତ କରିଥିଲେ । ଟୋକିଓ ପାରାଲିମ୍ପିକ୍ସରେ ସୁହାସ ରୌପ୍ୟ ପଦକ ହାସଲ କରିଥିଲେ । ରବିବାର ଉଭୟ ଖେଳାଳିଙ୍କ ସେମି ଫାଇନାଲ ମ୍ୟାଚ୍ ଲା ଚାପେଲ ଆରେନାରେ ଖେଳାଯିବ ।

ଭାରତୀୟ ପିସ୍ତଲ ସୁଟର ସ୍ୱରୂପ ଉନହାଲକରଙ୍କୁ ନିରଶ ହେବାକୁ ପଡ଼ିଛି । ଏସ୍‌ଏଚ୍ ୧ ବର୍ଗର ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱରୂପ ୧୪ତମ ସ୍ଥାନରେ ରହିବା ସହ ଫାଇନାଲକୁ ଯୋଗ୍ୟତା ହାସଲରେ ବିଫଳ ହୋଇଛନ୍ତି । ଟୋକିଓରେ ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଥିବା ସ୍ୱରୂପ ସମସ୍ତଙ୍କୁ ନିରାଶ କରିଥିଲେ । ୧୮ ସୁଟରଙ୍କ ଇଭେଣ୍ଟରେ ସେ ୬୧୩.୪ ପଏଣ୍ଟ ସହ ୧୪ତମ ସ୍ଥାନରେ ରହିଥିଲେ । ଦକ୍ଷିଣ କୋରିଆର ପାର୍କ ଜିନ୍ ହୋ ୬୨୪.୪ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲେ ।

ଭାରତୀୟ ପିଆର-୩ ଡବଲ୍ ସ୍କଲ ଇଭେଣ୍ଟର ରୋୟର ଅନିତା ଓ ନାରାୟଣ କୋଙ୍ଗାନାପଲ୍ଲେ ତୃତୀୟ ସ୍ଥାନରେ ରହିଛନ୍ତି । ଉଭୟ ୭:୫୪.୩୩ ସେକେଣ୍ଡର ଟାଇମିଂ ହାସଲ କରିଥିଲେ । ୟୁକ୍ରେନ୍ ୭:୨୯.୨୪ ଓ ଗ୍ରେଟ ବ୍ରିଟେନ ୭:୨୦.୫୩ ସେକେଣ୍ଡର ଟାଇମିଂ ସହ ପ୍ରଥମ ଦୁଇ ସ୍ଥାନ ହାସଲ କରିଥିଲା । ଭାରତୀୟ ରୋୟର ବର୍ତ୍ତମାନ ଫାଇନାଲ ବି ଅର୍ଥାତ୍ ସପ୍ତମରୁ ୧୨ତମ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ ।

ଭାରତୀୟ ପାରା ସଟଲର ମନଦୀପ କୌର ଏସ୍‌ଏଲ୍‌୩ ମହିଳା ବ୍ୟାଡ୍‌ମିଣ୍ଟନ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ମନ୍‌ଦୀପ ୨୧-୨୩, ୨୧-୧୦ ଓ ୨୧-୧୭ ସେଟ୍‌ରେ ଅଷ୍ଟ୍ରେଲିଆର ଭିନୋଟ ସେଲିନ୍ ଅଉରିଲେଙ୍କୁ ପରାସ୍ତ କରିଥିଲେ ।

ଚାମ୍ପିଅନ୍ସ ଟ୍ରଫି ନେଇ ମୋଦିଙ୍କୁ ଆବେଦନ କଲେ ପାକିସ୍ତାନର ପୂର୍ବତନ କ୍ରିକେଟର

ନୂଆଦିଲ୍ଲୀ

ଭାରତୀୟ କ୍ରିକେଟ୍ ଦଳ ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଖେଳିବାକୁ ପାକିସ୍ତାନ ଯିବ ନା ନାହିଁ ? ଏହି ପ୍ରଶ୍ନର ଉତ୍ତର ଜାଣିବାକୁ ସମଗ୍ର କ୍ରିକେଟ୍ ଜଗତ ଆଗ୍ରହୀ । ଜୟ ଶାହାଙ୍କୁ ନୂତନ ଆଇସିସି ଚେୟାରମ୍ୟାନ୍ ଭାବରେ ନିଯୁକ୍ତ କରାଯିବା ପରେ ଚାମ୍ପିଅନ୍ସ ଟ୍ରଫି ସମ୍ବନ୍ଧୀୟ ସମସ୍ତ ସମୀକରଣ ବଦଳିଥିବା ଜଣାପଡ଼ିଛି । ବର୍ତ୍ତମାନ ପାକିସ୍ତାନର ଭେଟେରାନ କ୍ରିକେଟର ବାସିତ ଅଲି ଚାମ୍ପିଅନ୍ସ ଟ୍ରଫି ସମ୍ପର୍କରେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଏକ ବିଶେଷ ଆବେଦନ କରିଛନ୍ତି । ପାକିସ୍ତାନର ପୂର୍ବତନ କ୍ରିକେଟର ବାସିତ ଅଲି ତାଙ୍କ ବିବୃତି ପାଇଁ ଚର୍ଚ୍ଚାରେ ଅଛନ୍ତି ।

ବର୍ତ୍ତମାନ ସେ ନିଜ ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି, 'ବର୍ତ୍ତମାନ ସମଗ୍ର ନିଷ୍ପତ୍ତି ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ରହିଛି । ଯଦି ସେ ରାଜି ହୁଅନ୍ତି, ତେବେ ଭାରତୀୟ ଦଳ ପାକିସ୍ତାନକୁ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ଆସିପାରେ । ଯଦି ଏହା ନହୁଏ, ତେବେ ଆଇସିସି ହିଁ ନିଷ୍ପତ୍ତି ନେବ । ତା'ପରେ ଜୟ ଶାହାଙ୍କ ପାଇଁ ନିଷ୍ପତ୍ତି ନେବା ଅତ୍ୟନ୍ତ କଷ୍ଟକର ହେବ ।' ବର୍ତ୍ତମାନ ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଟିମ୍ ଇଣ୍ଡିଆ ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଯିବ କି ନାହିଁ ସେନେଇ କୌଣସି ଅଫିସିଆଲ୍ ବିବୃତି ଦେଇନାହିଁ ।

ଯଦି କିଛି ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ସୁରକ୍ଷା କାରଣରୁ ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଖେଳିବାକୁ ଯାଇ ନପାରେ । ହାଇବ୍ରିଡ୍ ମଡେଲ ଉପରେ ଦୀର୍ଘ ସମୟ ଧରି ଆଲୋଚନା ହେଉଛି, ଯାହା ଅଧୀନରେ ପାକିସ୍ତାନ ପରିବର୍ତ୍ତେ ଅନ୍ୟ କିଛି ଦେଶରେ ଭାରତର ମ୍ୟାଚ୍ ଅନୁଷ୍ଠିତ ହୋଇପାରିବ । କିନ୍ତୁ ଯେକୌଣସି ପରିସ୍ଥିତିରେ ପାକିସ୍ତାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ ବୋଲି ପିସିବି ସ୍ପଷ୍ଟ କରିଛି ।

ଏହି କାରଣରୁ ପାକିସ୍ତାନରେ ଖେଳିବାକୁ ଆସୁଥିବା ଦଳର ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦେବା ଉଚିତ ବୋଲି ବାସିତ ଅଲି ପିସିବିକୁ ଚେତାବନୀ ଦେଇଛନ୍ତି । ଏହାର କାରଣ ହେଉଛି ସୁରକ୍ଷା କ୍ଷେତ୍ରରେ ସାମାନ୍ୟତମ ତ୍ରୁଟି ହେତୁ ଦେଶକୁ ଚାମ୍ପିଅନ୍ସ ଟ୍ରଫିର ହୋଷ୍ଟିଂ ହରାଇବାକୁ ପଡ଼ିପାରେ ।

ମୋଦିଙ୍କ ଜନ୍ମଦିନରେ ଉଦ୍‌ଘାଟିତ ହେବ ବ୍ୟାଡ୍‌ମିଣ୍ଟନ୍ କଂପ୍ଲେକ୍ସ !

ଭୁବନେଶ୍ୱର

ଓଡ଼ିଶା କ୍ରୀଡ଼ା ମଣ୍ଡଳରେ ଆଉ ଏକ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଡ଼ି ହେବାକୁ ଯାଉଛି । ଗତ ୪ ବର୍ଷ ହେବ କଳିଙ୍ଗ ଷ୍ଟାଡିୟମ୍‌ର ଦକ୍ଷିଣ ପାର୍ଶ୍ୱରେ ନିର୍ମାଣ ହେଉଥିବା ଅନ୍ତର୍ଜାତୀୟ ମାନର ତଥା ନିଆରା ଡିଜାଇନ୍ ବିଶିଷ୍ଟ ଡାଲମିଆ ଭାରତ ଗୋପୀଚାନ୍ଦ ବ୍ୟାଡ୍‌ମିଣ୍ଟନ୍ ଏଚ୍‌ପିସି ଖୁବ୍‌ଶୀଘ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହେବାକୁ ଯାଉଛି । ଉଦ୍‌ଘାଟନ ପରେ ଏହା କେବଳ ଭାରତ ନୁହେଁ ସମଗ୍ର ଏସିଆ ମହାଦେଶର ବ୍ୟାଡମିଣ୍ଟନ୍ ମାନଚିତ୍ରରେ ଓଡ଼ିଶାକୁ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିବ । ଏଠାରେ ଜାତୀୟ ବ୍ୟାଡ୍‌ମିଣ୍ଟନ୍ ପ୍ରଶିକ୍ଷକ ତଥା ପୂର୍ବତନ ଅଲଇଂଲଣ୍ଡ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ବିଜେତା ପୁଲେଲା ଗୋପୀଚାନ୍ଦ ଦେଶର ବଛାବଛା ପ୍ରତିଭାବାନ ଖେଳାଳିଙ୍କୁ ଉତ୍ସର୍ଗୀକୃତ ପ୍ରଶିକ୍ଷଣ ଦେବେ । ରାଜ୍ୟର ଉଦୀୟମାନ ଖେଳାଳିମାନେ ମଧ୍ୟ ଫାଇଦାରେ ରହିବେ । କ୍ରୀଡ଼ା ବିଭାଗର ପ୍ରମୁଖ ସଚିବ ଭାସ୍କରଜ୍ୟୋତି ଶର୍ମାଙ୍କ ସହ ନିଜେ ଗୋପୀଚାନ୍ଦ କଳିଙ୍ଗ ଷ୍ଟାଡିୟମ୍ ଯାଇ ଏହି ବିଶ୍ୱସ୍ତରୀୟ କଂପ୍ଲେକ୍ସରେ ଦିଆଯାଉଥିବା ଶେଷ ସ୍ପର୍ଶକୁ ବୁଲି ଦେଖିଥିଲେ । ନିଜର ବହୁମୂଲ୍ୟ ପରାମର୍ଶ ମଧ୍ୟ ଦେଇଥିଲେ । ଏହି ଅବସରରେ କ୍ରୀଡ଼ା ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି କଂପ୍ଲେକ୍ସ ନିର୍ମାଣର ବିଭିନ୍ନ ଦିଗକୁ ସମୀକ୍ଷା କରିବା ସହ ଆସନ୍ତା କିଛି ଦିନ ମଧ୍ୟ ନିର୍ମାଣ କାର୍ଯ୍ୟକୁ ସଂପୂର୍ଣ୍ଣ କରିବାକୁ କାର୍ଯ୍ୟାଦେଶ ପାଇଥିବା ଠିକା ସଂସ୍ଥାକୁ ଶ୍ରୀ ଶର୍ମା ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । କ୍ରୀଡ଼ା ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି ବ୍ୟାଡ୍‌ମିଣ୍ଟନ୍ କଂପ୍ଲେକ୍ସକୁ ଚଳିତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ମୋଦି ଆସନ୍ତା ୧୭ ତାରିଖରେ ତାଙ୍କ ଜନ୍ମଦିନରେ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ଥିଲା ବେଳେ ସେହି ସମୟରେ ଏହି ଶୁଭକାର୍ଯ୍ୟ ସମାପନ ହେବ । ତେବେ ଏଥିନେଇ ଚୂଡ଼ାନ୍ତ ନିଷ୍ପତ୍ତି ଆସନ୍ତା କିଛି ଦିନ ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସବୁଜ ସଙ୍କେତ ଦେବା ପରେ ନିଆଯିବ ।

ନିରାଶ କଲେ ଅବନୀ-ସିଦ୍ଧାର୍ଥ, ସେମିରେ ମନୀଷା, ଫାଇନାଲରେ ରବି

ପ୍ୟାରିସ୍

ପ୍ୟାରିସରେ ଚାଲିଥିବା ପାରା ଅଲିମ୍ପିକ୍ସର ୪ ଦିନର ମର୍ଣ୍ଣିଂ ସେସନ୍‌ରେ ଭାରତକୁ ମିଶ୍ରିତ ଫଳ ମିଳିଛି । ୧୦ ମିଟର ଏୟାର ରାଇଫଲ (ଏସଏଚ୍ ୧) ମିକ୍ସଡ ଇଭେଣ୍ଟରେ ଅବନୀ ଲେଖାର ଓ ସିଦ୍ଧାର୍ଥ ବାବୁ ନିରାଶ କରିଛନ୍ତି । ଅବନୀ ୧୦ ମିଟର ଏୟାର ରାଇଫଲ(ଏସଏଚ୍ ୧) ମହିଳା ବର୍ଗରେ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିଲେ । ତେଣୁ ସେ ମିକ୍ସଡ ଇଭେଣ୍ଟରେ ମଧ୍ୟ ସିଦ୍ଧାର୍ଥଙ୍କୁ ସାଥୀ କରି ପଦକ ଦୌଡ଼ରେ ନିଜକୁ ସାମିଲ କରିପାରିବେ ବୋଲି ଆଶା କରାଯାଉଥିଲା ।

ଅବୀନ ମଧ୍ୟ ଯୋଗ୍ୟତା ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିଥିଲେ । କିନ୍ତୁ ସିଦ୍ଧାର୍ଥ ଆଖି ଦୃଶିଆ ପ୍ରଦର୍ଶନ କରିପାରି ନଥିଲେ । ଫଳରେ ଭାରତୀୟ ଯୋଡ଼ି ଫାଇନାଲରେ ପ୍ରବେଶ କରିବାକୁ ସକ୍ଷମ ହୋଇ ନାହାନ୍ତି । ଟପ୍ ୮ରେ ରହୁଥିବା ଦଳ ସିଧାସଳଖ ଫାଇନାଲରେ ପ୍ରବେଶ କରିବାର ନିୟମ ରହିଛି । ସିଦ୍ଧାର୍ଥ ଓ ଅବନୀ ଟପ୍ ୧୧ରେ ରହିବାରୁ ପଦକ ଦୌଡ଼ରୁ ବାଦ୍ ପଡ଼ିଛନ୍ତି ।

ଅନ୍ୟପକ୍ଷରେ ମହିଳା ବ୍ୟାଡମିଣ୍ଟନର ଏସ୍‌ୟୁ ୫ ବର୍ଗର ସେମି ଫାଇନାଲରେ ପ୍ରବେଶ କରିଛନ୍ତି ମନୀଷା ରାମଦାସ । ସେ କ୍ୱାର୍ଟର ଫାଇନାଲରେ ଜାପାନର ମାମିକୋ ଟୋୟଦାଙ୍କୁ ୨-୦ରେ ହରାଇ ଦେଇଛନ୍ତି । ପ୍ରଥମ ସେଟ୍‌କୁ ମନୀଷା ୨୧-୧୩ରେ ଜିତିଥିବା ବେଳେ ଦ୍ୱିତୀୟ ସେଟ୍‌କୁ ୨୧-୧୬ରେ କବ୍‌ଜା କରିଥିଲେ । ୩୦ ମିନିଟ ଧରି ଚାଲିଥିବା ଏହି ମ୍ୟାଚ୍‌ର ଆରମ୍ଭରୁ ଶେଷ ଯାଏ ମନୀଷା ନିଜର ଦବ୍‌ଦବା ଦେଖାଇଥିଲେ ।

ରବି ରଙ୍ଗୋଲି ମଧ୍ୟ ସଟ୍‌ପୁଟ୍‌ରେ ଭାରତ ପାଇଁ ଖୁସି ଖବର ଆଣିଛନ୍ତି । ସେ ସଟ୍‌ପୁଟ୍ ଏଫ ୪୦ର ଫାଇନାଲରେ ନିଜର ସ୍ଥାନ ପକ୍କା କରିଛନ୍ତି । ଆରମ୍ଭରୁ ଲୟରେ ରହିଥିବା ରବି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି । ସେ ୧୦.୩୩ ମିଟର ଦୂରତାକୁ ସଟ୍‌ପୁଟ୍ ଫିଙ୍ଗି କମାଲ କରିଛନ୍ତି । ପ୍ରଥମ ପ୍ରୟାସରେ ସେ କମାଲ କରି ନିଜ ସ୍ଥାନ ଫାଇନାଲରେ ପକ୍କା କରିଛନ୍ତି ।

ମାତ୍ର ୫୫ ବଲରେ ୧୬୫ ରନ୍ ସଂଗ୍ରହ କଲେ ଆୟୁଷ ବଡୋନି

ନୂଆଦିଲ୍ଲୀ

ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ଭାରତର ଯୁବ ବ୍ୟାଟ୍ସମ୍ୟାନ୍ ଆୟୁଷ ବଡୋନି କ୍ରିସ୍ ଗେଲଙ୍କୁ ମନେ ପକାଇ ଦେଇଛନ୍ତି । ଏହି ବ୍ୟାଟ୍ସମ୍ୟାନ୍ ଛକା ଓ ଚୌକା ବର୍ଷା କରିଥିଲେ । ଆୟୁଷ ବଡୋନି ମାତ୍ର ୫୫ ବଲରେ ୧୬୫ ରନ୍ ସଂଗ୍ରହ କରିଥିଲେ । ଏହ ବ୍ୟାଟ୍ସମ୍ୟାନ୍ ତାଙ୍କ ଇନିଂସରେ ୧୯ଟି ଛକା ଓ ୮ଟି ଚୌକା ମାରିଥିଲେ । ଆୟୁଷ ବଡୋନିଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ବାସ୍ତବରେ କ୍ରିକେଟ୍ ପ୍ରଶଂସକମାନେ ବିଶ୍ୱାସ କରିପାରୁନାହାନ୍ତି ଯେ କୌଣସି ବ୍ୟାଟ୍ସମ୍ୟାନ୍ ଏପରି ଇନିଂସ ଖେଳି ପାରିବେ, କିନ୍ତୁ ଆୟୁଷ ବଡୋନି ତାଙ୍କ ବ୍ୟାଟିଂ ସହିତ ପ୍ରଶଂସକମାନଙ୍କ ହୃଦୟ ଜିତିଯାଇଛନ୍ତି ।

ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ଉତ୍ତର ଦିଲ୍ଲୀ ଷ୍ଟ୍ରାଇକର୍ସ ଏବଂ ଦକ୍ଷିଣ ଦିଲ୍ଲୀ ସୁପରଷ୍ଟାରଙ୍କ ଦଳ ମୁହାଁମୁହିଁ ହୋଇଥିଲେ । ଏହି ମ୍ୟାଚ୍‌ରେ ଆୟୁଷ ବଡୋନ ମାତ୍ର ୩୯ ବଲରେ ଶତକ ହାସଲ କରିଥିଲେ । ଏହା ପରେ ସେ ୧୬ ବଲରେ ୬୫ ରନ୍ ସଂଗ୍ରହ କରିଥିଲେ । ଏହିପରି ଆୟୁଷ ବଡୋନି ୫୫ ବଲରେ ୧୬୫ ରନର ଇନିଂସ ଖେଳିଥିଲେ । ଏଥି ସହିତ, ବର୍ତ୍ତମାନ ଆଇପିଏଲ୍ ମେଗା ନିଲାମରେ ଆୟୁଷ ବାଡୋନିଙ୍କ ଉପରେ ଟଙ୍କା ବର୍ଷା ହୋଇପାରେ ବୋଲି ବିଶ୍ୱାସ କରାଯାଉଛି ।

ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍‌ରୁ ବିଦା ହେଲେ ଜୋକୋଭିକ

ନ୍ୟୁୟର୍କ

ଚଳିତ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍ ପ୍ରତିଯୋଗିତାରେ ଦୁଇ ଦିନରେ ଦୁଇଟି ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ପ୍ରତିଯୋଗିତାର ଅନ୍ୟତମ ପ୍ରମୁଖ ଟ୍ରଫି ଦାବିଦାର ସ୍ପେନ୍‌ର କାର୍ଲୋସ୍ ଆଲକାରାଜ କୌଣସି ଗ୍ରାଣ୍ଡସ୍ଲାମ୍ ଟେନିସ୍ ପ୍ରତିଯୋଗିତାରୁ ବ୍ୟକ୍ତିଗତ ଭାବେ ସଅଳତମ ବିଦାୟ ନେବାର ଗୋଟିଏ ଦିନ ପରେ ଗତଥର ବିଜେତା ତଥା ଦ୍ୱିତୀୟ ସିଡ୍ ନୋଭାକ ଜୋକୋଭିକ ଅପ୍ରତ୍ୟାଶିତ ଭାବେ ତୃତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି । ପୁରୁଷ ଏକକର ଏହି ପ୍ରତୀକ୍ଷିତ ମୁକାବିଲାରେ ତାଙ୍କୁ ୪-୬, ୪-୬, ୬-୨, ୪-୬ରେ ୨୮ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସି ପପିରିନ୍ ପରାସ୍ତ କରି ପ୍ରତିଯୋଗିତାର ସବୁଠୁ ବଡ଼ ଓଲଟପାଲଟ କରିଛନ୍ତି । ଶକ୍ତିଶାଳୀ ସର୍ଭିସ୍ ଓ ଆକ୍ରମଣାତ୍ମକ ଖେଳ ଶୈଳୀ ପାଇଁ ପରିଚିତ ପପିରିନ୍ ପ୍ରଥମ ଦୁଇ ସେଟ୍‌କୁ ଜିତି ଜୋକୋଭିକଙ୍କ ଉପରେ ଚାପ ସୃଷ୍ଟି କରିଥିଲେ । ନିର୍ଣ୍ଣାୟକ ତୃତୀୟ ସେଟ୍ ଜିତି ଓପନ୍ ଏରାର ପ୍ରଥମ ଖେଳାଳି ଭାବେ ୨୫ ଗ୍ରାଣ୍ଡସ୍ଲାମ୍ ଜିତିବା ଲକ୍ଷ୍ୟରେ ଥିବା ଜୋକୋଭିକ ମ୍ୟାଚ୍‌କୁ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ ମଧ୍ୟ ଚତୁର୍ଥ ସେଟ୍‌କୁ ଜିତି ପପିରିନ୍ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ ।

ହକି ଗାଁ'ର ସଫଳ ଗୁରୁ ବିଜୟ ଲାକ୍ରା

ରାଉରକେଲା

ହକିଗ୍ରାମ ଭାବେ ସାରା ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ୍‌ର ସଉନାମରା ଯେ କେବଳ ଅମିତ ରୋହିଦାସ ବା ଦିଲୀପ ତିର୍କୀଙ୍କ ଭଳି ମହାନ ହକି ଖେଳାଳିଙ୍କୁ ଜନ୍ମ ଦେଇଛି ତାହା ନୁହେଁ, ଏହି ଗାଁର ପୁଅ ଶ୍ରେଷ୍ଠ ପ୍ରଶିକ୍ଷକ ଭାବେ ବି ନାଁ କରୁଛନ୍ତି । ରାଜ୍ୟର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ଭାବେ ଜଣାଶୁଣା ବିଜୁ ପଟ୍ଟନାୟକ ଶ୍ରେଷ୍ଠ ହକି ପ୍ରଶିକ୍ଷକ ପୁରସ୍କାର ପାଇଥିଲେ ଏହି ଗାଁର ହକି ଗୁରୁ ବିଜୟ ଲାକ୍ରା । ବର୍ତ୍ତମାନ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସରେ ହକି ପ୍ରଶିକ୍ଷକ ଭାବେ କାର୍ଯ୍ୟରତ ୫୮ ବର୍ଷୀୟ ଶ୍ରୀ ଲାକଡ଼ା ଜିଲ୍ଲାର ସାଧାରଣ ଆଦିବାସୀ ପିଲାଙ୍କ ପରି ହକିକୁ ପିଲାବେଳୁ ଆପଣାଇଥିଲେ । ମଧ୍ୟଭାଗ ଖେଳାଳି ଭାବେ ନିଜ ଦକ୍ଷତା ଦେଖାଇଥିବା ବିଜୟ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳରେ ତିନିଥର ତଥା ରାଜ୍ୟ କନିଷ୍ଠ ଓ ବରିଷ୍ଠ ଦଳରେ ଓଡ଼ିଶାର ପ୍ରତିନିଧିତ୍ୱ କରିବା ପରେ ଦିନେ ଦେଶ ପାଇଁ ଖେଳିବାର ସ୍ୱପ୍ନ ଦେଖିଥିଲେ । କିନ୍ତୁ କ୍ରୀଡ଼ାବିତ୍ ଭାବେ ଦେଖିଥିବା ସ୍ୱପ୍ନ ପୂରଣ ନହେବାରୁ ସେ ପ୍ରଶିକ୍ଷକ ଭାବେ ହକି ସହ ଆଜୀବନ ଯୋଡ଼ି ହୋଇ ରହିବାକୁ ସ୍ଥିର କରିଥିଲେ । ଏନ୍‌ଆଇଏସ୍ କୋଲକାତାରୁ ୧୯୯୨ରେ ପ୍ରଶିକ୍ଷକ ଡିପ୍ଲୋମା ହାସଲ କରି ସେ ୧୯୯୩ରେ ରାଉରକେଲା କ୍ରୀଡ଼ା ଛାତ୍ରାବାସରେ ନିଯୁକ୍ତି ପାଇଥିଲେ । ତା'ପରଠାରୁ ସେ ରାଉରକେଲା ଓ ସୁନ୍ଦରଗଡ଼ରେ ହିଁ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରି ଆସିଛନ୍ତି ।

ଗତ ୩୧ ବର୍ଷର ପ

30 YEARS
ସମ୍ବାଦ କହିଲା
ଭୁବନେଶ୍ୱର, ୨ ସେପ୍ଟେମ୍ବର ୨୦୨୪ ସୋମବାର

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ

ଶିଳ୍ପ ଦୁନିଆ ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରୁଛି ବିଶ୍ୱ ଦକ୍ଷତା କେନ୍ଦ୍ର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ରବିବାର ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଭୁବନେଶ୍ୱର ମଂଚେଶ୍ୱରଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସ୍ଥାପନ କରାଯାଇଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି । ଓଡ଼ିଶାର ଯୁବପିଢ଼ିଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ ସହିତ ସେମାନଙ୍କ ଦକ୍ଷତାକୁ ବ୍ୟାପକ କରିବା ପାଇଁ ସ୍ଥାପିତ ଏହି କେନ୍ଦ୍ର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଦିଗରେ ବିଶେଷ ସହାୟକ ହେଉଛି । ଆଗାମୀ କାଲିର ଶିଳ୍ପ ଦୁନିଆ ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ନେଉଛି ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ପ୍ରକାଶ କରିଛନ୍ତି । ମୁଖ୍ୟ ଶାସନ ସଚିବ ଆଜି ବିଶ୍ୱ ଦକ୍ଷତା କେନ୍ଦ୍ରର ପରିଦର୍ଶନ କରି କେନ୍ଦ୍ରରେ ଚାଲୁ ରହିଥିବା ବିଭିନ୍ନ ପ୍ରଶିକ୍ଷଣ ଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏହି ଗସ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜାଙ୍କ ସହ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ତଥା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଏନ. ବି. ଏସ୍ ରାଜପୁତ ଯୋଗ ଦେଇଥିଲେ ।

ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଓ 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ଥିବା ମୋଟ ୭ଟି ପାଠ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ପ୍ରାକ୍ଟିକାଲ ସୁବିଧା ଦେବା ପାଇଁ ଅନ୍ତର୍ଜାତୀୟ ମାନର ପରୀକ୍ଷାଗାର(ଲାବୋରେଟୋରୀ) ସ୍ଥାପନ କରାଯାଇଛି । ଏହି ଅବସରରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ଲାବୋରେଟୋରୀ ବୁଲି ଦେଖିଥିଲେ । ତାଲିମ ପାଠ୍ୟକ୍ରମରେ ଏହା କିପରି ସହାୟକ ହେଉଛି ସେ ବିଷୟରେ ମୁଖ୍ୟ ଶାସନ ସଚିବ ଛାତ୍ରଛାତ୍ରୀ ଓ ପ୍ରଶିକ୍ଷକଙ୍କଠାରୁ ପଚାରି ବୁଝିଥିଲେ । ବିଶ୍ୱ ଦକ୍ଷତା କେନ୍ଦ୍ରରେ ତାଲିମ ପାଠ୍ୟକ୍ରମ ଶେଷ ହେବା ପରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ନିଯୁକ୍ତି କାର୍ଯ୍ୟକ୍ରମ ଜରିଆରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ପ୍ରମୁଖ କମ୍ପାନୀରେ ନିଯୁକ୍ତି ସୁଯୋଗ ଦିଆଯାଉଛି । ମୁଖ୍ୟ ଶାସନ ସଚିବ ଏ ବିଷୟରେ ଜାଣିବା ସହିତ ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ''ଓଡ଼ିଶାର ଯୁବପିଢ଼ିଙ୍କ ଭିତରେ ଯେଉଁ ଅନନ୍ୟ ଦକ୍ଷତା ରହିଛି, ଏହାକୁ ଶାଣିତ କରିବା ସହିତ ଆଗାମୀ କାଲିର ଆଧୁନିକ ଶିଳ୍ପ ଦୁନିଆ ପାଇଁ ଆବଶ୍ୟକ ଯୁବ ମାନବ ସମ୍ବଳ ପ୍ରସ୍ତୁତି ଦିଗରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଛି" । ଫଳରେ ଓଡ଼ିଶାରେ ଦକ୍ଷତା ବିକାଶ କ୍ଷେତ୍ରରେ ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିଛି । ଓଡ଼ିଶାର ଯୁବପିଢ଼ିଙ୍କୁ ଆତିଥେୟତା ଓ ଆନୁଷଙ୍ଗିକ କ୍ଷେତ୍ରରେ ପ୍ରଶିକ୍ଷଣ ଦେବା ଲାଗି ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ରହିଛି ରାଜ୍ୟର ପ୍ରଥମ 'କୌଶଳ ଭବନ'। ମୁଖ୍ୟ ଶାସନ ସଚିବ ଏହି କୌଶଳ ଭବନ ପରିଦର୍ଶନ କରିଥିଲେ। ଓଡ଼ିଶାର ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ ପାଇଁ ଏଠାରେ ଯେଉଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ତାହା ସେ ବୁଲି ଦେଖିଥିଲେ। ରାଜ୍ୟ ସରକାରଙ୍କ 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତାକୁ ବିଶ୍ୱସ୍ତରୀୟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଓଡ଼ିଶା ଦକ୍ଷତା ବିକାଶପ୍ରାଧିକରଣ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ବରିଷ୍ଠ ଅଧିକାରୀମାନଙ୍କ ସହିତ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ ।

କୋରାପୁଟ-ସିଙ୍ଗାପୁର ରୋଡ୍ ରେଳ ଲାଇନ ଦୋହରୀକରଣ କାର୍ଯ୍ୟ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
କୋରାପୁଟ-ସିଙ୍ଗାପୁର ରୋଡ୍ (ରାୟଗଡା) ରେଳ ଲାଇନରେ ୧୬୫ କିଲୋମିଟର ଦୈର୍ଘ୍ୟରେ ଚାଲୁରହିଥିବା ଦୋହରୀକରଣ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନିୟରିଂ ଆହ୍ୱାନ ସତ୍ତ୍ୱେ କ୍ରମାଗତ ଭାବରେ ଅଗ୍ରଗତି କରିଚାଲିଛି। ରେଳ ସଂଯୋଗୀକରଣ ବୃଦ୍ଧି ଏବଂ ଆଂଚଳିକ ବିକାଶକୁ ପ୍ରୋତ୍ସାହନ କରିବା ପାଇଁ ଜଟିଳ ଭୌଗଳିକ ଏବଂ ପ୍ରତିକୂଳ ପରିବେଶ ପରିସ୍ଥିତି ସତ୍ତ୍ୱେ ପ୍ରକଳ୍ପଟି ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ପ୍ରକଳ୍ପର ୨୨.୯୪ କିଲୋମିଟର ଦୈର୍ଘ୍ୟ ଲକ୍ଷ୍ମୀପୁର ଏବଂ ଟିକିରି ମଧ୍ୟରେ ରେଳ ଲାଇନ ଦୋହରୀକରଣ କାର୍ଯ୍ୟକୁ ସଫଳତାର ସହ ସମାପ୍ତ କରାଯାଇ କାର୍ଯ୍ୟକ୍ଷମ ହୋଇଛି। ଏକ ପ୍ରମୁଖ ଭୂସ୍ଖଳନ ପ୍ରବଣ ଅଂଚଳ ଟିକିରି ଏବଂ ଭାଲୁମାସ୍କା ଷ୍ଟେସନ ମଧ୍ୟରେ ୪୫.୪୬ କିଲୋମିଟର ଦୂରତା ବିଶିଷ୍ଟ ରେଳ ସେକ୍ସନ ମଧ୍ୟରେ ଟନେଲ ଏବଂ ସେତୁ ନିର୍ମାଣ ପାଇଁ ମଧ୍ୟ ଟେଣ୍ଡର ଆହ୍ୱାନ କରାଯାଇଅଛି । ଲକ୍ଷ୍ମୀପୁର ରୋଡ୍ ଏବଂ ବାଇଗୁଡା ମଧ୍ୟରେ ୨୭.୮୨ କିଲୋମିଟର ଦୈର୍ଘ୍ୟ ରେଳ ଲାଇନ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି । କୋରାପୁଟ-ରାୟଗଡା ରେଳ ମାର୍ଗରେ ଭୂସ୍ଖଳନ ହେବାର ଅନେକ ଅଂଚଳ ଅନ୍ତର୍ଭୁକ୍ତ । ବିଶେଷକରି ଟିକିରି-ଭାଲୁମାସ୍କା ରେଳ ସେକ୍ସନ ପ୍ରମୁଖ ଭୂସ୍ଖଳନ ପ୍ରବଣ ଅଂଚଳରେ ଅବସ୍ଥିତ। ବର୍ତମାନ କୋରାପୁଟ-ରାୟଗଡା ରେଳ ମାର୍ଗରେ ୩୬ ଟି ଟନେଲ୍ ଥିବାବେଳେ ଦୋହରୀକରଣ କାର୍ଯ୍ୟରେ ୩୨ ଟି ଟନେଲ ନିର୍ମାଣ

କରାଯିବାକୁ ଯୋଜନା କରାଯାଇଛି । ସେଥିମଧ୍ୟରେ ଟିକିରି ଏବଂ ଭାଲୁମାସ୍କା ମଧ୍ୟରେ ୧୯ ଗୋଟି, ଭାଲୁମାସ୍କା ଏବଂ ସିଙ୍ଗାପୁର ରୋଡ୍ ମଧ୍ୟରେ ୯ ଗୋଟି ଏବଂ ବାଇଗୁଡା ଏବଂ ଲକ୍ଷ୍ମୀପୁର ରୋଡ୍ ମଧ୍ୟରେ ୪ ଗୋଟି ଟନେଲ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟରେ ଉଚ୍ଚ ପର୍ବତ ଶୃଙ୍ଗ ସହିତ ଖାଇ ଅନ୍ତର୍ଭୁକ୍ତ । ଗୋଟିଏ ପାର୍ଶ୍ୱରେ ପାହାଡ ଦ୍ୱାରା ସୀମାନ୍ତ ଥିବାବେଳେ ଅନ୍ୟ ପାର୍ଶ୍ୱରେ ୧୦୦ ମିଟରରୁ ଅଧିକ ଖାଇ ଅବସ୍ଥିତ ଓ ଗଭୀର ଉପତ୍ୟକା ଅବସ୍ଥିତ ଥିବା ଦ୍ୱାରା ଏହି ପ୍ରକଳ୍ପର ନିର୍ମାଣ ଉଭୟ ଏକ ବଡ଼ ଆହ୍ୱାନ ଏବଂ ବିପଜ୍ଜନକ ଅଟେ। ଏହି ପ୍ରକଳ୍ପର ଦୀର୍ଘତମ ଟନେଲ୍ ୨ କିଲୋମିଟର ଦୈର୍ଘ୍ୟ ଯାହା ଆବଶ୍ୟକ ଇଞ୍ଜିନିୟରିଂର ମାପକାଠି ପ୍ରଦର୍ଶନ କରିବ । ଏହି ରେଳ ଲାଇନ ପ୍ରକଳ୍ପ ଏକ ଘାଟ ସେକ୍ସନ ଏବଂ ସଂରକ୍ଷିତ ଜଙ୍ଗଲ ଅଂଚଳ ଦେଇ ଅତିକ୍ରମ କରୁଥିବାରୁ ପରିବେଶର ପ୍ରଭାବକୁ କମ୍ କରିବାକୁ ଯତ୍ନଶୀଳ ଯୋଜନା ଏବଂ କାର୍ଯ୍ୟକାରିତା ଆବଶ୍ୟକ କରୁଛି। କୋରାପୁଟ-ସିଙ୍ଗାପୁର ରୋଡ୍ ରେଳ ଲାଇନ ମାର୍ଗ ଏହାର ଚମତ୍କାର ଦୃଶ୍ୟ ଦୃଶ୍ୟ ପାଇଁ ପ୍ରସିଦ୍ଧ ଯାହା ୟୁରୋପୀୟ ଦେଶମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରେ। ଏହି ରେଳ ଲାଇନର ଦୋହରୀକରଣ ହେବା କେବଳ ରେଳ ପରିବହନର ଦକ୍ଷତା ଏବଂ କ୍ଷମତା ବୃଦ୍ଧି କରିବ ନାହିଁ ବରଂ ଏହି ଅଂଚଳରେ ପର୍ଯ୍ୟଟନ ପାଇଁ ନୂତନ ସୁଯୋଗ ମଧ୍ୟ ସୃଷ୍ଟି କରିବ । ଉନ୍ନତ ରେଳ ସଂଯୋଗ ଏହି ଅଂଚଳକୁ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଏ, ଯାହା ଦ୍ୱାରା ପର୍ଯ୍ୟଟକ ମାନେ ଭାରତର ଏହି ଅଞ୍ଚଳର ଚମତ୍କାର ଦୃଶ୍ୟ ଏବଂ ସାଂସ୍କୃତିକ ସମୃଦ୍ଧତାକୁ ଅନୁଭବ କରିବେ । ଉନ୍ନତ ଭିତିଭୂମି ଯାତ୍ରୀମାନଙ୍କ ପାଇଁ ଏହି ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ଅନୁସନ୍ଧାନ କରିବା, ସ୍ଥାନୀୟ ଅର୍ଥନୀତିକୁ ଆହୁରି ବୃଦ୍ଧି କରିବା ଏବଂ ନିରନ୍ତର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହଜ କରିବ। କୋରାପୁଟ-ସିଙ୍ଗାପୁର ରୋଡ ରେଳ ଲାଇନର ଦୋହରୀକରଣ ହେବା ଦ୍ୱାରା ଏହି ଅଞ୍ଚଳର ରେଳ ଭିତିଭୂମିରେ ଉନ୍ନତି ଆଣିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହି ପ୍ରକଳ୍ପଟି ସମାପ୍ତ ପରେ ରେଳ ପରିବହନର କ୍ଷମତା ଏବଂ ଦକ୍ଷତା ବୃଦ୍ଧି ପାଇବା ସହିତ ଯାତ୍ରୀ ଏବଂ ପଣ୍ୟ ପରିବହନ କାର୍ଯ୍ୟ ମଧ୍ୟ ଲାଭଦାୟକ ହେବ । ଭୟଙ୍କର ନିର୍ମାଣ ଆହ୍ୱାନ ସତ୍ତ୍ୱେ କୋରାପୁଟ-ରାୟଗଡା ରେଳ ପ୍ରକଳ୍ପରେ କାର୍ଯ୍ୟରତ ଦଳ ନିର୍ମାଣ କାର୍ଯ୍ୟର ଧାର୍ଯ୍ୟ ସମୟସୂଚୀରେ କାର୍ଯ୍ୟ ସମାପ୍ତ କରିବା ସହିତ ନିରାପତା ସୁନିଶ୍ଚିତ କରିବା ଏବଂ ଇଞ୍ଜିନିୟରିଂ ଉତ୍କର୍ଷର ସର୍ବୋଚ୍ଚ ମାନ ବଜାୟ ରଖିବାକୁ ପ୍ରତିଶ୍ରୁତିବଦ୍ଧ ପାଳନ କରୁଛି ।

କିଶୋର ନ୍ୟାୟ ବ୍ୟବସ୍ଥାରେ ଦିବ୍ୟାଙ୍ଗ ଶିଶୁଙ୍କ ଅଧିକ ଅନ୍ତର୍ଭୁକ୍ତକରଣ ଉପରେ ମୁଖ୍ୟ ବିଚାରପତିଙ୍କ ଗୁରୁତ୍ୱ

କଟକ, ନ୍ୟୁଜ ବ୍ୟୁରୋ
ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ କିଶୋର ନ୍ୟାୟ ବ୍ୟବସ୍ଥାରେ ଦିବ୍ୟାଙ୍ଗ ଶିଶୁମାନଙ୍କୁ ଅଧିକ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ ସମସ୍ତ ଅଂଶୀଦାରମାନଙ୍କୁ ଅନୁରୋଧ କରିଛନ୍ତି। କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ଦିବ୍ୟାଙ୍ଗ ଶିଶୁଙ୍କ ସୁରକ୍ଷା ସମ୍ପର୍କିତ ନବମ ବାର୍ଷିକ ଅଂଶୀଦାର ପରାମର୍ଶ ଆଲୋଚନାଚକ୍ରରେ ଭର୍ଚ୍ୟୁଆଲ ଭାବେ ଯୋଗଦେଇ ମୁଖ୍ୟ ବିଚାରପତି ଏପରି ଶିଶୁମାନଙ୍କର ଅନନ୍ୟ ଆବଶ୍ୟକତା ଓ ଆହ୍ୱାନର ମୁକାବିଲା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଛନ୍ତି ଆମକୁ ସ୍ୱୀକାର କରିବାକୁ ହେବ ଯେ ଦିବ୍ୟାଙ୍ଗ ଶିଶୁମାନେ କେତେକ ସ୍ୱତନ୍ତ୍ର ସମସ୍ୟା ଏବଂ ଦୁର୍ବଳତାର ସମ୍ମୁଖୀନ ହୁଅନ୍ତି ଯେଉଁଥିପାଇଁ ବିଶେଷ ଧ୍ୟାନ ଏବଂ ଯତ୍ନ ଆବଶ୍ୟକ । ଦିବ୍ୟାଙ୍ଗ ଶିଶୁଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂପୃକ୍ତ ଆଇନର ଧାରାଗୁଡ଼ିକର ପ୍ରଭାବଶାଳୀ ରୂପାୟନ ପାଇଁ ଏକ ବ୍ୟାପକ ଆଭିମୁଖ୍ୟ ଗ୍ରହଣ କରାଯିବା ଆବଶ୍ୟକ । "ଆମେ ଏକ ନ୍ୟାୟସମ୍ପନ୍ନ ଓ ସମାନ ସମାଜ ଦିଗରେ କାର୍ଯ୍ୟ କରୁଥିବା ବେଳେ ଆସନ୍ତୁ ସମସ୍ତ ଶିଶୁ,

ବିଶେଷ କରି ଦିବ୍ୟାଙ୍ଗ ଶିଶୁମାନଙ୍କ ଅଧିକାରକୁ ବଜାୟ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା" ସେ କହିଛନ୍ତି। ଏହି ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି, "ଓଡ଼ିଶାର ପ୍ରାୟ ୬୦ରୁ ୭୦ ଲକ୍ଷ ଦିବ୍ୟାଙ୍ଗଙ୍କ ସମସ୍ୟା ସେମାନଙ୍କ ଆବଶ୍ୟକତା ଓ ଅବଦାନ ଉପରେ ଏବେ ଗୁରୁତ୍ୱ ଦିଆଯାଉଛି । ଯଦି ଆମେ ଚାହୁଁଛୁ ଯେ ଆମ ରାଜ୍ୟ ଏକ ବିକଶିତ ରାଜ୍ୟରେ ପରିଣତ ହେଉ ଏବଂ ୨୦୩୬ ସୁଦ୍ଧା ୫୦୦ ନିୟୁତ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ହେଉ, ତେବେ ଆମକୁ ଦିବ୍ୟାଙ୍ଗଙ୍କ ପ୍ରତି ଆମର ପ୍ରତିବଦ୍ଧତାକୁ ଦୋହରାଇବାକୁ ପଡିବ ।" ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ତାଙ୍କ ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି କହିଲେ, ୟୁନିସେଫ୍, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍ଏସ୍ଏପିଡି) ବିଭାଗର ସହଯୋଗରେ ଆମ ବିଭାଗ ବିପଦରେ ଥିବା ଓ ଦିବ୍ୟାଙ୍ଗ ଶିଶୁମାନଙ୍କୁ ଚିହ୍ନଟ କରିବା ପାଇଁ ଏକ ସର୍ଭେ କରାଯିବ । ଏସବୁ ତଥ୍ୟ ଆଧାରରେ ଆମେ ଏକ ମିଳିତ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବୁ। ଏହି ଆଲୋଚନାରେ ହାଇକୋର୍ଟର ବିଚାରପତି, ଜୁଭେନାଇଲ ଜଷ୍ଟିସ କମିଟିର ସଦସ୍ୟ, ବରିଷ୍ଠ ସରକାରୀ ଅଧିକାରୀ, ଆଇନ ବିଶେଷଜ୍ଞ, ନାଗରିକ ସମାଜ ସଂଗଠନର ସଦସ୍ୟ ଓ ଭିନ୍ନକ୍ଷମ ଅଧିକାର କର୍ମୀମାନେ ଯୋଗଦେଇ ଦିବ୍ୟାଙ୍ଗ ଶିଶୁମାନଙ୍କ ସୁରକ୍ଷା ପାଇଁ ରଣକୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଜଷ୍ଟିସ ମୁରାହାରି ଶ୍ରୀ ରମଣ, ସଭ୍ୟ, ଜୁଭେନାଇଲ ଜଷ୍ଟିସ କମିଟି, ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ କହିଥିଲେ ଯେ ଏହି ଆଲୋଚନା ଫଳବତୀ ହେବ ଯେତେବେଳେ ଆମେ ଏହି ଆଲୋଚନାଚକ୍ରର ବିଷୟବସ୍ତୁକୁ ବାସ୍ତବରେ କାର୍ଯ୍ୟରେ ପରିଣତ କରିବା । ବିଶେଷ କରି ଭିନ୍ନକ୍ଷମ ନାବାଳକ ବା ନାବାଳିକା କୌଣସି ଅପରାଧର ଶିକାର ହେଲେ ସେମାନଙ୍କର ବୟାନ ରେକର୍ଡ କରିବା, ବାକ୍ ଶକ୍ତି ନଥିଲେ ସେମାନଙ୍କ ପାଇଁ ଇଣ୍ଟରପ୍ରିଟର ବ୍ୟବସ୍ଥା, ଦୃଷ୍ଟି ଶକ୍ତି ନଥିବା ପିଲାଟିଏ ଅପରାଧର ଶିକାର ହେଲେ ତାଙ୍କ ପାଇଁ ସାକ୍ଷୀ, ପ୍ରମାଣ ଯୋଗାଡ କରିବା, ବୟାନ ଆଦି ରେକର୍ଡ କରିବାରେ ଆହୁରି ଅନେକ କିଛି କରିବାର ଆବଶ୍ୟକତା ଅଛି ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା।

ଆମ ସଂସ୍କୃତି ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ସ୍ଥାନୀୟ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟରେ ଶ୍ରୀମତୀ ଗୀତା ତ୍ରିପାଠୀ ଓ ତ୍ରିଦିବ ତ୍ରିପାଠୀଙ୍କ ପ୍ରଚେଷ୍ଟା ଓ ତତ୍ତ୍ୱାବଧାନରେ ପ୍ରାଚୀନ ଭାରତୀୟ ସଂସ୍କୃତିର ସଚେତନତା ଓ ପୁନଃଜାଗରଣ ପାଇଁ ଆମ ସଂସ୍କୃତି କୁଇଜ୍ ଓ ଯୋଗ ପ୍ରତିଯୋଗିତା ରାଜଧାନୀର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କ ପାଇଁ ବିଦ୍ୟାଳୟ ପରିସରରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି ।

ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶକ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଯୋଗ କିପରି ଜୀବନକୁ ସୁସ୍ଥ ଓ ସୁନ୍ଦର କରିପାରେ ତା'ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ସଭାପତି ଶ୍ରୀମତୀ ସୁଦତ୍ତା ପଟ୍ଟନାୟକ ଭାରତୀୟ ସଂସ୍କୃତିର ପ୍ରାଚୀନତା ଓ ବୈଶିଷ୍ଟ୍ୟ ନୈତିକ ମୂଲ୍ୟବୋଧ ଉପରେ ଆଧାରିତ ଏବଂ ଏହାକୁ ସୁରକ୍ଷିତ ରଖିବା ଉଚିତ୍ ବୋଲି କହିଥିଲେ । ସଞ୍ଜୟ ନନ୍ଦ ଛାତ୍ରଛାତ୍ରୀମାନଙ୍କ ସହିତ ଯୌଗିକ ଜୀବନ ଶୈଳୀ ଓ ପ୍ରାଚୀନ ଭାରତୀୟ ସଂସ୍କୃତିର ଜ୍ଞାନର ଉପାଦେୟତା ବିଷୟରେ ଆଲୋଚନା କରିଥିଲେ ।

ଆଧୁନିକତାର ସ୍ପର୍ଶରେ ହଜିଆସୁଥିବା ପ୍ରାଚୀନ ଭାରତୀୟ ଜ୍ଞାନ ପ୍ରତି ଉତ୍ସାହ ଓ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଉକ୍ତ ପ୍ରତିଯୋଗିତା ଜୁଲାଇମାସଠାରୁ ଶ୍ରୀମତୀ ଗୀତା ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜଧାନୀର ୩୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ସେମାନଙ୍କ ମଧ୍ୟରୁ ସମୁଦାୟ ୪୬ ଜଣ ପୁରସ୍କୃତ

ହୋଇଛନ୍ତି । ବରିଷ୍ଠ ବର୍ଗ କୁଇଜ୍‌ରେ ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାୟର ବିଶ୍ୱଜିତ୍ ନାୟକ, ମଦର୍ସ ପବ୍ଲିକ ସ୍କୁଲ ୟୁନିଟ୍-୧ର ଆରୋହନ୍ ମହାପାତ୍ର ଓ ମଦର୍ସ ପବ୍ଲିକ ସ୍କୁଲ ଖଣ୍ଡଗିରିର ତନ୍ମୟ ତଥାଗତ ମିଳିତ ଭାବରେ ପ୍ରଥମ ପୁରସ୍କାର ଓ ଯୋଗରେ ବିଜେଇଏମ୍ ସ୍କୁଲର ଅଦିତି ଐଶ୍ୱର୍ଯ୍ୟା ସେଠ୍ ପ୍ରଥମ ପୁରସ୍କାର ଲାଭ କରିଥିଲେ । କନିଷ୍ଠ ବର୍ଗରେ ମଦର୍ସ ପବ୍ଲିକ ସ୍କୁଲ ୟୁନିଟ-୧ର ଅନ୍ୱେଷା ମିଶ୍ର ଓ ଯୋଗରେ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ମିରା ଜାସ୍‌ମିନ୍ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଆଗାମୀ ବର୍ଷ ମାନଙ୍କରେ ଅଧିକରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ "ଆମ ସଂସ୍କୃତି" କାର୍ଯ୍ୟକ୍ରମରେ ସାମିଲ୍ କରିବା ଲକ୍ଷ ବୋଲି ତ୍ରିପାଠୀ ଦମ୍ପତି ପ୍ରକାଶ କରିଛନ୍ତି ।

ଅନିଲ ମିଶ୍ରଙ୍କ ପରିବାରକୁ ସାମ୍ବାଦିକ କଲ୍ୟାଣ ବୋର୍ଡର ଆର୍ଥିକ ସହାୟତା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ସାପ୍ତାହିକ ସମ୍ବାଦପତ୍ର ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସି (ଇପିଏ)ର ସମ୍ପାଦକ ଅନିଲ ପ୍ରସାଦ ମିଶ୍ରଙ୍କ ଏକାଦଶାହ ଅବସରରେ ନୟାପଲ୍ଲୀସ୍ଥ

ସମୟ ଖବର
ଶେଷ ପୃଷ୍ଠା
ଭୁବନେଶ୍ୱର
୨ ସେପ୍ଟେମ୍ବର
ସୋମବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

ବିକ୍ରି ହେବନି ବାସି ଅବଢ଼ା : ଜଗିଛନ୍ତି ଅବସରପ୍ରାପ୍ତ ସେନା କର୍ମଚାରୀ

ପୁରୀ, ୧/୯ ନ୍ୟୁଜ ବ୍ୟୁରୋ
ଆନନ୍ଦ ବଜାରରେ ଶୃଙ୍ଖଳା ଓ ସଂସ୍କାର ଆଣିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ରବିବାରଠୁ ଶ୍ରୀମନ୍ଦିରରେ ମୁତୟନ ହୋଇଛନ୍ତି ଅବସରପ୍ରାପ୍ତ ସେନା କର୍ମଚାରୀ। ମୋଟ ଦୁଇଟି ସିଫ୍ଟରେ ୨୦ଜଣ ପୂର୍ବତନ ସେନା କର୍ମଚାରୀ ମୁତୟନ ହୋଇଛନ୍ତି। ରବିବାର ସକାଳେ ୧୦ଜଣ ଆନନ୍ଦ ବଜାର ଓ ମନ୍ଦିର ବେଢାରେ ମୁତୟନ ହୋଇଥିବା ବେଳେ ଅପରାହ୍ନ ୨ଟାରୁ ଆଉ ୧୦ଜଣ ମୁତୟନ ହୋଇଛନ୍ତି। ଆନନ୍ଦ ବଜାର ଶୃଙ୍ଖଳା ଓ ସଂସ୍କାର ନେଇ ସେନା ନିବୃତ କର୍ମଚାରୀ ମୁତୟନ କରାଯାଇଛି। ଏହା ସହ ସୂପକାର ଓ ଅଣସୂପକାରଙ୍କ ଉପରେ ନଜର ରଖିବେ ସ୍ୱତନ୍ତ୍ର ସୁରକ୍ଷା କର୍ମୀ। ବିଶେଷ କରି ଆନନ୍ଦ ବଜାରରେ ବାସି ଅବଢ଼ା ବିକ୍ରି ଉପରେ ରୋକ୍ ଲଗାଇବା ପାଇଁ ଏହି ପ୍ରୟାସ କରାଯାଇଛି। ସରକାରଙ୍କ ନିୟମାବଳୀ ଅନୁସାରେ, ଅଣ ସୂପକାରମାନଙ୍କୁ ପ୍ରସାଦ ବିକ୍ରି ବାରଣ କରାଯିବ। କେବଳ ସୁଆର ମହାସୁଆର ନିଯୋଗ ତରଫରୁ ସୂଚିତ ସୂପକାର ମାନେ ହିଁ ମହାପ୍ରସାଦ ପାଇଁ ଅଧିକୃତ ରହିବେ। ଭକ୍ତଙ୍କ ପ୍ରତି ଆଚରଣ ଓ ଉଚ୍ଚାରଣ ସଠିକ୍ ରହିବା ଦିଗରେ ଗୁରୁତ୍ୱ ରଖିବାକୁ ଏଭଳି ନିଷ୍ପତ୍ତି ନିଆଯାଇଛି।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରୁ ବିଦାହେଲେ ୩୨ କର୍ମଚାରୀ

ପୁରୀ, ୧/୯ ନ୍ୟୁଜ ବ୍ୟୁରୋ
ଥଇଥାନ କେନ୍ଦ୍ର ପାଲଟିଥିଲା ପୁରୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ । ଉଚ୍ଚ ଅଧିକାରୀଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ କ୍ଷେତ୍ର ସହ ରାଜସ୍ୱ କ୍ଷେତ୍ରରେ ଅବସର ନେଇଥିବା ୩୨ଜଣ କର୍ମଚାରୀଙ୍କୁ ବିଦା କରିଦିଆଯାଇଛି । ଗତ ୧୦ବର୍ଷ ଭିତରେ ଅନେକ ଅଧିକାରୀଙ୍କୁ ଅବସର ପରେ ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଥିଲା। ଏପରିକି ଅନେକ କାର୍ଯ୍ୟରେ ମୁଖ୍ୟ ଭୂମିକା ନେଉଥିଲେ ଏବଂ ନିଷ୍ପତ୍ତି ନେଉଥିଲେ। ଏବେ ବି ନୀତିକାନ୍ତି କ୍ଷେତ୍ରରେ ମଧ୍ୟ ଅବସର ନେଇଥିବା କର୍ମଚାରୀ କାମ କରୁଛନ୍ତି । ସେମାନଙ୍କୁ ଅବସର ନେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଆଯାଇଛି ପଦକ୍ଷେପ । ୩୨ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ବିଦା କରାଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି ।

କଟକର ବିଭିନ୍ନ ମନ୍ଦିରରେ ମା'ଙ୍କ ଦର୍ଶନ କଲେ ଉପ ମୁଖ୍ୟମନ୍ତ୍ରୀ

କଟକ ୧।୯ ନ୍ୟୁଜ ବ୍ୟୁରୋ
କଟକରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ସହରର ବିଭିନ୍ନ ପ୍ରସିଦ୍ଧ ମନ୍ଦିର ଯାଇ ପ୍ରଭୁଙ୍କ ଦର୍ଶନ କରିଛନ୍ତି । ପ୍ରଥମେ କଟକର ଆରାଧ୍ୟ ଦେବୀ ମା' କଟକ ଚଣ୍ଡୀଙ୍କ ମନ୍ଦିରରେ ପହଞ୍ଚି ମା'ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ଏହାପରେ ମା' ଗଡଚଣ୍ଡୀଙ୍କ ମନ୍ଦିରକୁ ଯାଇ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ଏହାପରେ ଗଡ ଗଡେଶ୍ୱରଙ୍କ ମନ୍ଦିର ଯାଇ ମଧ୍ୟ ପୂଜାପାଠ କରିଥିଲେ । ମା'ଙ୍କ ଦର୍ଶନ କରିବା ପାଇଁ ହିଁ କଟକ ଆସିଥିବା କଥା କହିଥିଲେ ଉପ ମୁଖ୍ୟମନ୍ତ୍ରୀ। ସେହିଭଳି ଚଣ୍ଡୀ ମନ୍ଦିର ସମ୍ପ୍ରସାରଣ କାର୍ଯ୍ୟ ସଂପର୍କରେ କହିଛନ୍ତି ଯେ ମା'ଙ୍କ ବିନା ଅନୁମତିରେ କିଛି ହୋଇ ପାରିବ ନାହିଁ । ସେ ଯାହା ଚାହିଁବେ ତାହା ହିଁ ହେବ । ମନ୍ଦିର ସମ୍ପ୍ରସାରଣ କାର୍ଯ୍ୟକୁ ନିଶ୍ଚିତ ଭାବରେ ପୁରା କରାଯିବା ପାଇଁ ସରକାର ପଦକ୍ଷେପ ନେବେ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି।

କୋର୍ଟରେ ପଡ଼ି ରହିଥିବା ଦୁଷ୍କର୍ମ ମାମଲା ନ୍ୟାୟପାଳିକା ପାଇଁ ବଡ ଚ୍ୟାଲେଞ୍ଜ : ରାଷ୍ଟ୍ରପତି

ନୂଆଦିଲ୍ଲୀ, ୧/୯
ବିଚାର ପାଇଁ ପଡ଼ି ରହିଥିବା ମାମଲା ଓ ଶୁଣାଣିରେ ବିଳମ୍ବ ହେବା ନ୍ୟାୟପାଳିକା ପାଇଁ ଗୋଟିଏ ବଡ଼ ଚ୍ୟାଲେଞ୍ଜ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଏଥିସହ ସେ ଉଚିତ ନ୍ୟାୟ ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶେଷ କରି ସେ ଦୁଷ୍କର୍ମ ମାମଲା ଗୁଡ଼ିକ ଉପରେ ଫୋକସ କରିଛନ୍ତି। ଏଥିସହ କୋର୍ଟରେ ପଡ଼ି ରହିଥିବା ଦୁଷ୍କର୍ମ ମାମଲାକୁ ନେଇ ମଧ୍ୟ ସେ ଚିନ୍ତା ପ୍ରକଟ କରିଛି। ଦୁଇ ଦିନିଆ ଜିଲ୍ଲାସ୍ତରୀୟ ନ୍ୟାୟପାଳିକାର ଜାତୀୟ ସମ୍ମିଳନୀରେ ସମ୍ବୋଧନ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, "ଦୁଷ୍କର୍ମ ଭଳି ମାମଲାରେ ଯେତେବେଳେ କୋର୍ଟଙ୍କ ରାୟ ଗୋଟିଏ ପିଢ଼ି ପରେ ପାରିତ ହେଉଛି ସେତେବେଳେ ସାଧାରଣ ଲୋକ ଭାବୁଛନ୍ତି ଯେ ନ୍ୟାୟ ପ୍ରଦାନ ପ୍ରକ୍ରିୟା ଅତ୍ୟନ୍ତ ଅସମ୍ବେଦନଶୀଳ।" ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ କହିବା କଥା ଗାଁରେ ଲୋକମାନେ ନ୍ୟାୟପାଳିକାକୁ ଭଗବାନ ବୋଲି ବିବେଚନା କରନ୍ତି। କାରଣ ସେମାନେ ନ୍ୟାୟପାଳିକାରୁ ନ୍ୟାୟ ପାଆନ୍ତି। କଥାରେ ଅଛି ଭଗବାନଙ୍କ ଘର ବିଳମ୍ବ ହୋଇପାରେ, କିନ୍ତୁ ଅନ୍ଧକାର ନୁହେଁ। କିନ୍ତୁ ବିଳମ୍ବ କେତେ ହୋଇପାରେ, ଏହା କେତେ ଲମ୍ବା ଏହା ଉପରେ ଆମକୁ ଚିନ୍ତା କରିବାକୁ ପଡ଼ିଛି। ଜଣେ ନ୍ୟାୟ ପାଇବା ବେଳକୁ ତାଙ୍କର ହସ ସମ୍ଭବତଃ ଲିଭି ଯାଇଥିବ। ତାଙ୍କ ଜୀବନ ସରି ଯାଇଥିବ। ଆମକୁ ଅତ୍ୟନ୍ତ ବ୍ୟାପକ ଓ ଗଭୀର ଭାବେ ଏହାକୁ ଦେଖିବାକୁ ପଡ଼ିବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ମାମଲାର ଶୁଣାଣି ବେଳେ ହେଉଥିବା ସ୍ଥଗିତ ପରମ୍ପରାକୁ ବଦଳାଇବା ପାଇଁ ସବୁ ପ୍ରକାରର ପଦକ୍ଷେପ ନେଇ ତ୍ୱରିତ ନ୍ୟାୟ ଉପରେ ଫୋକସ କରାଯିବା ଦରକାର। ଦୁଃଖର କଥା ହେଉଛି ଯେ କିଛି ମାମଲାରେ ଅପରାଧ ଘଟାଇବା ପରେ ଲୋକମାନେ ବେଧଡ଼କ ବାହାରେ ବୁଲୁଛନ୍ତି। ହେଲେ ପୀଡ଼ିତା ଭୟରେ ରହୁଛନ୍ତି। ଏ କ୍ଷେତ୍ରରେ ମହିଳାମାନଙ୍କ ସ୍ଥିତି ଆହୁରି ଖରାପ। ଗୋଟିଏ ସଭ୍ୟ ସମାଜ କେବେ ହେଲେ ଏହାକୁ ସମର୍ଥନ କରେନାହିଁ ବୋଲି ସେ କହିଛନ୍ତି। ଭାରତ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ଓ କେନ୍ଦ୍ର ଆଇନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଅର୍ଜୁନ ରାମ ମେଘୱାଲ ମଧ୍ୟ ଯୋଗ ଦେଇଥିଲେ।

ଅଚ୍ୟୁତାନନ୍ଦ ପତି ଗଳ୍ପସମ୍ମାନ ପ୍ରଦାନ ସମାରୋହ

ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ସାମାଜିକ ଆନ୍ଦୋଳନ ଲୋଡା

ଭୁବନେଶ୍ୱର, ୧/୯ ନ୍ୟୁଜ ବ୍ୟୁରୋ
ଅତିବଡି ଜଗନ୍ନାଥ ଦାସ ଓ ଶାରଳା ପୁରସ୍କାର ବିଜେତା ଓଡ଼ିଶାର ବର୍ଷିୟାନ କଥାକାର ଅଚ୍ୟୁତାନନ୍ଦ ପତିଙ୍କ ୯୮ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ଅଚ୍ୟୁତାନନ୍ଦ ପତି ଗଳ୍ପସମ୍ମାନ ପ୍ରଦାନ ସମାରୋହ ସ୍ଥାନୀୟ ବୃଦ୍ଧ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ କଥାକାର ପ୍ରଦୋଷ ମିଶ୍ରଙ୍କୁ ଅଚ୍ୟୁତାନନ୍ଦ ପତି ଗଳ୍ପସମ୍ମାନରେ ବିଭୂଷିତ କରାଯାଇଛି । ଏହି ସମାରୋହରେ 'ସମ୍ବାଦ' ଓ ଆମ ଓଡ଼ିଶାର ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ହୃଷୀକେଶ ମଲ୍ଲିକ ଯୋଗ ଦେଇଥିଲେ। ସାହିତ୍ୟ ଚର୍ଚ୍ଚାର ସମ୍ପାଦକ ନିହାର ରଞ୍ଜନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଶିଳାଲିପି ସାହିତ୍ୟ ସଂସ୍କୃତି ମଞ୍ଚର ସଭାପତି ଡାକ୍ତର ସର୍ବେଶ୍ୱର ଶତପଥୀ ଅତିଥିମାନଙ୍କର ପରିଚୟ ପ୍ରଦାନ ଓ ସ୍ୱାଗତ

ଭାଷଣ ଦେଇଥିଲେ। ପ୍ରକାଶ ଥାଉକି ବହୁ ସମ୍ମାନରେ ସମ୍ମାନୀତ ଓ ବହୁ ପୁରସ୍କାର ପ୍ରାପ୍ତ ଶ୍ରୀ ପତି ଜୀବନର ୯୮ ବର୍ଷରେ ଉପନିତ ହୋଇଥିଲେ ମଧ୍ୟ ସେ ତାଙ୍କର ସାହିତ୍ୟ ସାଧନା ଛାଡି ନାହାଁନ୍ତି ଓ ଜୀବନରେ ପାଇଥିବା ପୁରସ୍କାର ରାଶି ଖର୍ଚ୍ଚ କରି ବହୁ ସାହିତ୍ୟ ଅନୁଷ୍ଠାନର ପୃଷ୍ଠପୋଷକତା କରିବା ସଙ୍ଗେ ସଙ୍ଗେ ପ୍ରତିବର୍ଷ ଏହି ସମ୍ମାନ ପ୍ରଦାନ କରି ଆସୁଛନ୍ତି । ଏହି ସମ୍ମାନ ପ୍ରଦାନ ଅବସରରେ ଶ୍ରୀ ପତି ବକ୍ତବ୍ୟ ରଖି ତାଙ୍କ ସାହିତ୍ୟ କୃତିଗୁଡିକରେ ଥିବା ଚରିତ୍ରମାନେ ହିଁ ସମାଜର ସବୁ ଠାରୁ ଅବହେଳିତ ଅଂଶ ଓ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେମାନଙ୍କ ପାଇଁ ସେ ଲେଖନୀ ଚାଳନା କରିଯିବେ ବୋଲି କହିଥିଲେ । ମୁଖ୍ୟବକ୍ତା ଶ୍ରୀ ମଲ୍ଲିକ ଅଚ୍ୟୁତା ନନ୍ଦ ପତିଙ୍କ ସାହିତ୍ୟ କିପରି ଏକ କାଳଜୟୀ ସାହିତ୍ୟ ତାହା ବର୍ଣ୍ଣନା କରିଥିଲେ । ମୁଖ୍ୟଅତିଥି ସୌମ୍ୟରଞ୍ଜନ ପଟ୍ଟନାୟକ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ଓ ଅଗ୍ରଗତି ପାଇଁ ଏକ ବ୍ୟାପକ ସାମାଜିକ ଆନ୍ଦୋଳନ ଲୋଡା ବୋଲି ମତପ୍ରକାଶ କରିଥିଲେ। ସଭାରେ ଗୋକର୍ଣ୍ଣିକା ସାହିତ୍ୟ ସଂସଦର ସଭାପତି ରମାକାନ୍ତ ଜେନା, ଫୁଲ ଚନ୍ଦନ ଫାଉଣ୍ଡେସନର ଅଧ୍ୟକ୍ଷ ପିତବାସ ରାଉତରାୟ, ସାହିତ୍ୟିକ ଶିତେସ ତ୍ରିପାଠୀ, ରବି ପଣ୍ଡା, ରବିନାରାୟଣ ଦାସ, ସଦାନନ୍ଦ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖି ଅଚ୍ୟୁତାନନ୍ଦ ପତିଙ୍କ ସୃଷ୍ଟ ଗଳ୍ପ ସମ୍ଭାରଗୁଡିକ ଆଜିର ପ୍ରଜନ୍ମ ପାଇଁ କିପରି ଗଭୀର ଭାବେ ଉପାଦେୟ ତାହା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ସଭାରେ ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଶ୍ରୀ ପତିଙ୍କ ନିର୍ବାଚିତ ଗଳ୍ପ ପୁସ୍ତକ " ସ୍ନାୟୁ ଓ ସନ୍ୟାସୀ" ର ଲୋକାର୍ପଣ ହୋଇଥିଲା ଏବଂ ପ୍ରକାଶକ ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯୁଗ ପ୍ରବର୍ତ୍ତକର ସମ୍ପାଦକ ରାଜେନ୍ଦ୍ର ବର୍ମା ଧନ୍ୟବାଦ ଅର୍ପଣ କରିବା ପରେ ସଭା ସାଙ୍ଗ ହୋଇଥିଲା ।

ମେୟରଙ୍କ ବିପି ମାପିଲେ ମନ୍ତ୍ରୀ ସ୍ୱାସ୍ଥ୍ୟ ପରୀକ୍ଷା କରି ଦେଲେ ଟିପ୍ସ

ଭୁବନେଶ୍ୱର,୧/୯ ନ୍ୟୁଜ ବ୍ୟୁରୋ
ମନ୍ତ୍ରୀ କରିଲେ ମେୟରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା । ମେୟର ଓ ବିଧାୟକଙ୍କ ବିପି ମାପିଲେ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର । କେବଳ ଯେ ବିପି ମାପିଲେ ତାହା ନୁହେଁ, ଏହା ସହ ସୁସ୍ଥ ରହିବା ଲାଗି ଟିପ୍ସ ମଧ୍ୟ ଦେଲେ । ରାଜଧାନୀରେ ବିଡିଏର ୪୨ତମ ପ୍ରତିଷ୍ଠା ଦିବସରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସ୍ୱାସ୍ଥ୍ୟ ଉପସ୍ଥିତ ଡାକ୍ତର ପରୀକ୍ଷା କରିଥିଲେ। ପରେ ପରେ ମନ୍ତ୍ରୀ ମେୟର ସୁଲୋଚନା ଦାସ, ବିଧାୟକ ବାବୁ ସିଂ, ବିଜେପି ବରିଷ୍ଠ ନେତା ସମୀର ମହାନ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଶନିବାର ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ଅବସରରେ କାର୍ଯ୍ୟକ୍ରମକୁ ଡାକି ଚେୟାର ନ ଦେବା ଘଟଣା ଦୁଃଖଦାୟକ ବୋଲି କହିଥିଲେ ମେୟର ସୁଲୋଚନା ଦାସ ।

ରାଜ୍ୟରେ ନୂଆ ଅବକାରୀ ନୀତି

ଗାଁ ଗାଁରେ ବନ୍ଦ ହେବ ଦେଶୀ ମଦର ବନ୍ୟା : ୧,୬୦୭ ମଦ ମାଫିଆ ଗିରଫ

ଭୁବନେଶ୍ୱର, ୧/୯ ନ୍ୟୁଜ ବ୍ୟୁରୋ
ରାଜ୍ୟ ଅବକାରୀ ନୀତିରେ ସଂସ୍କାର ଆସିଛି। ରାଜ୍ୟରେ ଚୋରା ଓ ବେଆଇନ ମଦ କାରବାର ଉପରେ ରୋକ୍ ଲଗାଇବାକୁ ମୋହନ ସରକାରଙ୍କ ବଡ଼ ପଦକ୍ଷେପ ନେଇଛନ୍ତି। ରବିବାରଠୁ ରାଜ୍ୟରେ ନୂଆ ଅବକାରୀ ନୀତି ହେବା ସହ ନିଶା ନିବାରଣ ପାଇଁ ଲୋକଙ୍କୁ ସଚେତନ କରିବାକୁ ଶହେ କୋଟିର ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର । ଚଳିତ ଆର୍ଥିକ ବର୍ଷରେ କୌଣସି ନୂଆ ମଦ ଦୋକାନ ଖୋଲିବ ନାହିଁ । ବେଆଇନ ମଦ ବେପାରୀଙ୍କୁ ସାବାଡ଼ କରିବାକୁ ରାଜ୍ୟର ୧୬ଟି ଜିଲ୍ଲାରେ ୨୫ଟି ନୂଆ ଅବକାରୀ ଥାନା ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ପୂର୍ବ ସରକାରରେ ସାରା ରାଜ୍ୟରେ



ବେଆଇନ ମଦ ପ୍ରସ୍ତୁତି ଓ ବିକ୍ରିକୁ ମିଳୁଥିଲା ପ୍ରୋତ୍ସାହନ । ବିଷାକ୍ତ ମଦ ପିଇ ଲୋକଙ୍କ କିଡ୍‌ନୀ ନଷ୍ଟ ହେଉଥିଲା ତ କେଉଁଠି ତିଆରି ହେଉଥିଲା ବିଧବା ଉପତ୍ୟକା । ଗତ ୩୦ ବର୍ଷରେ ବିଷାକ୍ତ ମଦ ନେଇଛି ୨୩୧ ଜୀବନ ଗଲାଣି। ମଦ ମୃତ୍ୟୁର ସଦ୍ୟତମ ଉଦାହରଣ ଗଞ୍ଜାମ ଜିଲ୍ଲାର ଚିକିଟି ବ୍ଲକ୍ । ମାଇନ୍ଦପୁର ଗାଁରେ ବିଷାକ୍ତ ମଦ ଚାରି ଜଣଙ୍କ ଜୀବନ ନେଇଛି । ଅନ୍ୟ ୧୧ ଜଣଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । କେବଳ ଗଞ୍ଜାମ ଜିଲ୍ଲାରେ ଗତ ୩୦ ବର୍ଷରେ ବିଷାକ୍ତ ମଦ ପିଇ ୫୩ ଜଣଙ୍କ ମୃତ୍ୟୁ ହୋଇଛି । ଏବେ ନୂଆ ଅବକାରୀ ନୀତିରେ ନିୟମ ହୋଇଛି ସରକାରଙ୍କ ବିନା ଅନୁମତିରେ ଭାଙ୍ଗ, ତାଡ଼ି ଓ ପୋଚ ମଧ୍ୟ ବିକ୍ରି ହୋଇପାରିବ ନାହିଁ । ମଦ ମାଫିଆ ଓ ବେଆଇନ ମଦ ବେପାରୀଙ୍କ କଳା ସାମ୍ରାଜ୍ୟ ଉପରେ ଚାଲିଛି ମୋହନ ସରକାରଙ୍କ ବୁଲ୍‌ଡୋଜର । ଗତ ୧୨ ଦିନ ମଧ୍ୟରେ ୧ ଲକ୍ଷ ୪୮ହଜାର ୨୨୫ ଲିଟର ବେଆଇନ ମଦ ଓ ୧୩ ଲକ୍ଷ ୬୯ ହଜାର ୩୮୦ କେଜି ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିଛି ଅବକାରୀ ବିଭାଗ । ଗିରଫ ହୋଇଛନ୍ତି ୧ ହଜାର ୬୦୭ ଜଣ ମଦ ମାଫିଆ ।

ଦୁର୍ନୀତିଗ୍ରସ୍ତ ଅଧିକାରୀ ଅବସର ନେଇଥିଲେ ବି ହେବ କଡା କାର୍ଯ୍ୟାନୁଷ୍ଠାନ : ରାଜସ୍ୱ ମନ୍ତ୍ରୀ

ସମ୍ବଲପୁର ୧।୯ ନ୍ୟୁଜ ବ୍ୟୁରୋ
ବେଆଇନ ଭାବରେ ଜମି ମାଡିବସିଥିବା ଶିଳ୍ପ ଅନୁଷ୍ଠାନ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ହେବ। ରବିବାର ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଏଭଳି ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ କଟାକ୍ଷ କରି କହିଛନ୍ତି, ଯମର

ଅଜାଣତରେ ମୃତ୍ୟୁ ହୁଏ ନାହିଁ । ତେବେ ଯେଉଁଠାରେ ବି ଦୁର୍ନୀତି ହୋଇଛି ନିଶ୍ଚିତ ଭାବେ ଅଧିକାରୀ ଜାଣିଛନ୍ତି । ଯଦି ଅଧିକାରୀ ଅବସର ନେଇଛନ୍ତି ଓ ଦୁର୍ନୀତିରେ ସାମିଲ ଥିଲେ, ତେବେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କେମିତି ନିଆଯାଏ ତାହା ସୁରେଶ ପୂଜାରୀଙ୍କୁ ଜଣା ବୋଲି ମନ୍ତ୍ରୀ କହିଛନ୍ତି ।

ଭୁବନେଶ୍ୱର ଉପକଣ୍ଠରେ ହେବ ନୂଆ ଷ୍ଟାଡିୟମ

ଭୁବନେଶ୍ୱର, ୧/୯ ନ୍ୟୁଜ ବ୍ୟୁରୋ
ଓଡ଼ିଶାରେ ହେବ ସ୍ପୋର୍ଟସ ଭ୍ୟାଲି । ଭୁବନେଶ୍ୱର ଉପକଣ୍ଠରେ ହେବ ନୂଆ ଷ୍ଟାଡିୟମ। ଆସନ୍ତା ୧୭ ତାରିଖରେ ଷ୍ଟାଡିୟମର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ। ସ୍ପୋର୍ଟସ ଭ୍ୟାଲିରେ ରହିବ

ଅଣ ପାରମ୍ପରିକ କ୍ରୀଡା ସେଣ୍ଟର। କଟକର ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏନେଇ ସୂଚନା ଦେଲେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ଏହି ସ୍ପୋର୍ଟସ ଭ୍ୟାଲିରେ ସମସ୍ତ ପାରମ୍ପରିକ କ୍ରିଡା କାର୍ଯ୍ୟ କରାଯିବା ପାଇଁ ସରକାର ପରିକଳ୍ପନା କରିଥିବା ରାଜ୍ୟ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।

ଏବେ ବଜାରରେ ଉପଲବ୍ଧ
'କଥାକଳିକା': ସେପ୍ଟେମ୍ବର ସଂଖ୍ୟା-୨୦୨୪



ଏଥର ସଂଖ୍ୟାରେ...
ସ୍ମରଣୀୟ କଥା : ମନୋଜ ମହାପାତ୍ର
ସମକାଳର କଥା : ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ସନ୍ତୋଷୀ ସ୍ୱାଇଁ, ଡ. ମାଙ୍ଗଳିକା ମହାପାତ୍ର, ସୁକାନ୍ତ ମହାରଣା, ଅମ୍ବିକା ସ୍ୱାଇଁ, ବିନୋଦିନୀ ଗନ୍ତାଏତ, ଭାଗିରଥୀ ବେହେରା।
କଥାର କଥା : ପୁଷ୍ପଞ୍ଜଳି କରଙ୍କ -ଅହଲ୍ୟା, ଆଲୋଚନା : ବନଜଦେବୀ।
ଅନ୍ୟ ଭାଷାର କଥା : ଦେବସ୍ମିତା ବେହେରା।
ଯୁବ ମାନସର କଥା : ରୀନାରାଣୀ ରାଉତରାୟ, ତପସ୍ୱିନୀ ଦାଶ ଷଡଙ୍ଗୀ। କଥା ସାଗର (ଅବଶିଷ୍ଟାଂଶ) ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହ